

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 SEPTEMBER 2020

Vol.No. 30 ■ No. 239 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ରାଜ୍ୟସଭାରେ ପାରିତ ହେଲା ଦୁଇଟି କୃଷି ବିଲ୍

ନୂଆଦିଲ୍ଲୀ,୨୦।୯ (ନି.ପ୍ର): ଆଜି ରାଜ୍ୟସଭାରେ କୃଷି ବିଲ୍ ଉପସ୍ଥାପିତ ହେବାପରେ ଏ ନେଇ ବିରୋଧୀମାନେ ହଙ୍ଗାମା କରିଥିଲେ । ରାଜ୍ୟସଭାରେ ବିଲକୁ ନେଇ ଆଲୋଚନା ଚାଲୁଥିବାବେଳେ ବିରୋଧୀ କୃଷି ବିଲ୍ ସହ ଜଡ଼ିତ କାଗଜପତ୍ର ଛଡ଼ାଇ ନେବାକୁ ଉଦ୍ୟମ କରିଥିବା ସାମ୍ନାକୁ ଆସିଥିଲା । ତେବେ ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ରାଜ୍ୟସଭାରେ ୨ଟି କୃଷି ବିଲ୍ (କୃଷି ଉତ୍ପାଦ ବ୍ୟାପାର ଏବଂ ବାଣିଜ୍ୟ (ସବଂର୍ଦ୍ଧନ ଏବଂ ସୁବିଧା) ବିଧେୟକ, ୨୦୨୦, କୃଷକ (ସଶକ୍ତିକରଣ ଏବଂ ସଂରକ୍ଷଣ)ଙ୍କ ମୂଲ୍ୟ ଆଶ୍ୱାସନା ଅନୁବନ୍ଧ) ପାସ୍ ହୋଇଛି । ଏହା ପୂର୍ବରୁ ଲୋକସଭାରେ କୃଷି ବିଲ୍ ପାସ୍ ହୋଇଥିଲା ।

ଦେଶର କୃଷି କ୍ଷେତ୍ରରେ ପରିବର୍ତ୍ତନ ଏବଂ କୃଷକମାନଙ୍କ ଉପାର୍ଜନ ବୃଦ୍ଧି ଉଦ୍ଦେଶ୍ୟରେ ଲୋକସଭା ପରେ ଆଜି ରାଜ୍ୟସଭାରେ ୩ଟି ପୃଥକ କୃଷି ବିଲ୍ ଉପସ୍ଥାପନ କରାଯାଇଥିଲା । ଲୋକସଭାରେ କୃଷି ବିଲ୍ ପାସ୍ ହୋଇ ସାରିଥିବାବେଳେ ଆଜି ରାଜ୍ୟସଭାରେ ଏହି ୩ଟି ବିଲକୁ ଉପସ୍ଥାପନ କରାଯାଇଥିଲା । ଏହି ବିଲ୍ ଗତ ଜୁନ୍ ୫ ତାରିଖ ଦିନ ଜାରି ଅଧ୍ୟାଦେଶକୁ ବିଧିବଦ୍ଧ ଆଇନରେ ପରିଣତ କରିବ । ଏହି ୩ଟି ବିଲ୍ ହେଉଛି: କୃଷି ଉତ୍ପାଦ ବ୍ୟାପାର ଏବଂ ବାଣିଜ୍ୟ (ସଂବର୍ଦ୍ଧନ ଏବଂ ସୁବିଧା) ବିଧେୟକ, ୨୦୨୦, କୃଷକ (ସଶକ୍ତିକରଣ ଏବଂ ସଂରକ୍ଷଣ)ଙ୍କ ମୂଲ୍ୟ ଆଶ୍ୱାସନ ଅନୁବନ୍ଧ ଏବଂ କୃଷି ସେବା ବିଧେୟକ ଓ ଆବଶ୍ୟକ ସାମଗ୍ରୀ (ସଂଶୋଧନ) ବିଧେୟକ) ।

ବିଲକୁ ନେଇ ବିବାଦ କାହିଁକି ?: ଦେଶର ମୋଟ ଚାଷୀଙ୍କ ମଧ୍ୟରୁ ୮୬ ପ୍ରତିଶଦ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । ସେମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଉଚିତ୍ ଦାମରେ ବିକିବା ପାଇଁ ମୂଲଚାଲ କରିବାର ସୁଯୋଗ ପାଉନାହାଁନ୍ତି । ଉତ୍ପାଦନ ବଢ଼ାଇବା ଲାଗି ପ୍ରଯୁକ୍ତିରେ ମଧ୍ୟ ନିବେଶ କରିପାରୁନାହାଁନ୍ତି । ସେମାନଙ୍କ ଲାଭ ପାଇଁ ସରକାର ଆଣିଥିବା ବିଲରେ ଅନେକ ବ୍ୟବସ୍ଥା ରହିଛି । କୃଷି ବଜାର ସମ୍ପର୍କିତ ବିଲ୍‌ରେ ଚାଷୀମାନଙ୍କୁ ଏପିଏମ୍‌ସି ମଣ୍ଡି ବାହାରେ ନିଜ ସାମଗ୍ରୀ ବିକ୍ରି କରିବାର ଅନୁମତି ଦିଆଯାଇଛି । ଏହା ଦ୍ୱାରା କମିଶନ ଏଜେଣ୍ଟମାନେ କମିଶନ ଓ ମଣ୍ଡି ଫି' ହରାଇବେ । ଏହା ବିରୋଧର ଏକ ପ୍ରମୁଖ କାରଣ । ଚାଷୀମାନେ ନିଜ କ୍ଷେତରୁ ଯାହାକୁ ଚାହିଁବେ ସାମଗ୍ରୀ ବିକିପାରିବେ । ପରିବହନରେ ହେଉଥିବା ସେମାନଙ୍କ ଖର୍ଚ୍ଚ ମଧ୍ୟ କମିବ । କଣ୍ଟ୍ରାକ୍ଟ ଫାର୍ମିଂକୁ ନେଇ ରହିଥିବା ବ୍ୟବସ୍ଥାରେ ଚାଷୀମାନେ ବଡ଼ ରିଟେଲ ସଂସ୍ଥା ସହ ଚୁକ୍ତି କରିପାରିବେ । ସେମାନେ ଉତ୍ପାଦିତ ସାମଗ୍ରୀର କ'ଣ ମୂଲ୍ୟ ଚାହୁଁଛନ୍ତି ତାହା ଚୁକ୍ତି ସ୍ୱାକ୍ଷର ବେଳେ ନିର୍ଦ୍ଧାରିତ ହେବ । ତେଣୁ ବଜାରରେ ବିଭିନ୍ନ ସମୟରେ ମୂଲ୍ୟକୁ ନେଇ ଦେଖାଦେଉଥିବା ଅସ୍ଥିରତାକୁ ନେଇ ଚାଷୀଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ । ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଲ୍‌ରେ ଦାନାଯୁକ୍ତ ଶସ୍ୟ, ଡାଲି, ତୈଳବୀଜ, ଖାଇବା ତେଲ, ପିଆଜ ଓ ଆଳୁକୁ ଅତ୍ୟାବଶ୍ୟକ ସାମଗ୍ରୀ ▶▶ପୃଷ୍ଠା ୭

ଆଜି ଓ କାଲି ହାଇକୋର୍ଟ ବନ୍ଦ

କଟକ/ଭୁବନେଶ୍ୱର,୨୦।୯ (ନି.ପ୍ର): ଆସନ୍ତାକାଲି (ସୋମବାର)ଠାରୁ ୨ ଦିନ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟ ବନ୍ଦ ରହିବ । ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ହାଇକୋର୍ଟ ବନ୍ଦ ନେଇ ରବିବାର ଦିନ ରେଜିଷ୍ଟ୍ରାର ଜେନେରାଲ ଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶ ଅନୁସାରେ ହାଇକୋର୍ଟସହ ଏହାର କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିବ । କିଛି ବିଭାଗରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଥିବାରୁ ଏଭଳି ନିଷ୍ପତି ହୋଇଛି । ଏହି ବନ୍ଦ ସମୟରେ ହାଇକୋର୍ଟ ପରିସରକୁ ସାନିଟାଇଜ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି । ଦୁଇ ଦିନ କୋର୍ଟ ବନ୍ଦ ରହୁଥିବାରୁ ୨୧ ଦିନକୁ ଧାର୍ଯ୍ୟ ହୋଇଥିବା କେସ୍ ଗୁଡିକର ଶୁଣାଣି ୨୩ ତାରିଖରେ ହେବ । ସେହିପରି ସେପ୍ଟେମ୍ବର ୨୨, ୨୩, ୨୪ ଓ ୨୫ ତାରିଖରେ ହେବାକୁ ଥିବା ଜାମିନ୍ ଆବେଦନ ଗୁଡିକର ଶୁଣାଣି ଯଥାକ୍ରମେ ୨୪, ୨୫ , ୨୮ ଓ ୨୯ ତାରିଖରେ ହେବ ।

ବ୍ଲୁ ଫ୍ଲାଗ୍ ବିଚ୍ ପର୍ଯ୍ୟଟନ ବିଭବକୁ ସମୃଦ୍ଧ କରିବ : ମୁଖ୍ୟମନ୍ତ୍ରୀ



ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର,୨୦।୯ (ନି.ପ୍ର): ବିଶ୍ୱ ଐତିହ୍ୟ ନଗରୀର ମଥାମଣି ପୁରୀର ଯାଦୁକରୀ ସ୍ୱର୍ଣ୍ଣିମ ବେଳାଭୂମି ଗୌରବର ସହିତ ପର୍ଯ୍ୟଟକମାନଙ୍କୁ ଅପେକ୍ଷା କରିଛି । ବ୍ଲୁ ଫ୍ଲାଗ୍ ମାନ୍ୟତା ସହିତ ପରିବେଶ ଅନୁକୂଳ ପର୍ଯ୍ୟଟନ ସୁବିଧା ଏହି ବେଳାଭୂମିର ଆକର୍ଷଣ ବୃଦ୍ଧି କରିବ ଏବଂ ପର୍ଯ୍ୟଟନ ବିଭବକୁ ଅଧିକ ସମୃଦ୍ଧ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ

ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି ବିଜେଡ଼ି-ବିଜେପି : ନିରଞ୍ଜନ

ଭୁବନେଶ୍ୱର,୨୦।୯ (ନି.ପ୍ର): ସଂସଦରେ ପାରିତ ହୋଇଥିବା କୃଷି ବିଲ୍ ଚାଷୀମାନଙ୍କ କ୍ଷେତ୍ରରେ ଲାଭ ହେବ ନା କ୍ଷତି ହେବ ତାହା ଉପରେ ବହୁ ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ପ୍ରେସବାର୍ତ୍ତା ମାଧ୍ୟମରେ କହିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ । ସେ କହିଛନ୍ତି ଯେ ବିଜେଡ଼ି ଓ ବିଜେପିର ନାଟକ କିଛି ବୁଝି ହେଉନାହିଁ । ଲୋଭସଭାରେ ବିଜେଡ଼ି ଏହି କୃଷିବିଲ୍‌କୁ ସମର୍ଥନ କଲେ କିନ୍ତୁ ରାଜ୍ୟ ସଭାରେ ବିରୋଧ କଲେ । ଏ କି ପ୍ରକାର ରାଜନୀତି ଏବଂ ଏ କି ପ୍ରକାର ଅଭିନୟ କରି ଓଡ଼ିଶା ଦେଶକୁ କାହିଁକି ପ୍ରତାରିତ କରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଗତ କିଛିଦିନ ତଳେ ରାଜ୍ୟ ସଭା ଉପାଧକ୍ଷ ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡ଼ି ସମର୍ଥନ କରିଥିଲା । ସେହିପରି ପୂର୍ବରୁ ବିମୁଦ୍ରିକରଣ, ଜିଏସଟି , ରାଜ୍ୟସଭା ନିର୍ବାଚନ ଆଦି ଅନେକ ଗୁଡ଼ିଏ କ୍ଷେତ୍ରରେ ବିଜେଡ଼ି ବିଜେପିକୁ ଖୋଲା ସମର୍ଥନ ଦେଇଆସିଛି । ଚିଟଫଣ୍ଡରେ ରଖିଥିବା ସାଧାରଣ ଲୋକଙ୍କ ଟଙ୍କା ଫେରେଇବା ପାଇଁ ସରକାର କମିଶନ ▶▶ପୃଷ୍ଠା ୭

୨୪ ଘଣ୍ଟାରେ ଘନୀଭୂତ ହେବ ଲଘୁଚାପ : ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର,୨୦।୯ (ନି.ପ୍ର): ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ରବିବାର ସକାଳେଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଏହା ଘନୀଭୂତ ହୋଇ ୱେଲମାର୍କଡ୍ ଲୋ ପ୍ରେସରରେ ପରିଣତ ହେବ । ଏହା ପ୍ରଭାବରେ ଆଗାମୀ ୨ରୁ ୩ ଦିନ ପର୍ଯ୍ୟନ୍ତ ପୁରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ଥିବା କିଛି ଜିଲ୍ଲାରେ ବନ୍ୟା ହେବାର ଆଶଙ୍କା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବିଶେଷ କରି ଆଜି ଓ ଆସନ୍ତାକାଲି ପ୍ରବଳ ବର୍ଷା ହୋଇପାରେ । ଏଥିଯୋଗୁଁ ଫସଲ ନଷ୍ଟ ହେବା ସହ କଚା ଘର ଓ ସଡକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ସମୟ ମଧ୍ୟରେ ଘଂଟା ପ୍ରତି ୪୫ ରୁ ୫୫ କିମିବେଗରେ ପବନ ବୋହିପାରେ । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ଘଂଟା ରେ ଅତ୍ୟନ୍ତପ୍ରବଳ ପାଇଁ ୫ ଜିଲ୍ଲାକୁ ରେଡଓ୍ୱାର୍ଣ୍ଣିଂ, ୧୦ ଜିଲ୍ଲାକୁ ଅତିପ୍ରବଳବର୍ଷା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଏବଂ ପ୍ରବଳବର୍ଷା ପାଇଁ ୭ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଯାଜପୁର , ଭଦ୍ରକ, କେନ୍ଦ୍ରାପଡା ,ଜଗତସିଂହପୁର ଓ ଢେଙ୍କାନାଳ ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଏହା ଫଳରେ ସମ୍ପୃକ୍ତ ଜିଲ୍ଲାର ତଳିଆ ଅଂଚଳ ଗୁଡିକରେ ପାଣି ଭରିଯିବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ । କଚା ଘର ଓ ସଡକ କ୍ଷତିଗ୍ରସ୍ତ ହେବା ସହ ଫସଲ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ପାହାଡିଆ ଅଂଚଳ ଗୁଡିକରେ ଭୂସ୍ଖଳନ ହୋଇପାରେ । ଏହା ବ୍ୟତୀତ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ମୟୁରଭଂଜ, ବାଲେଶ୍ୱର , ▶▶ପୃଷ୍ଠା ୭

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୦।୯ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୬୪୪ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୩୦୭୮୯ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୭୨୦, ବାଲେଶ୍ୱର ଜିଲ୍ଲାରେ ୬୧୧୮, ବରଗଡ ଜିଲ୍ଲାରେ ୫୨୨୨, ଭଦ୍ରକ ଜିଲ୍ଲାରେ ୪୪୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୩୪୭୬ . ବୌଦ୍ଧ ଜିଲ୍ଲାରେ ୧୪୧୬, କଟକ ଜିଲ୍ଲାରେ ୧୬,୦୩୪, ଦେବଗଡ ଜିଲ୍ଲାରେ ୪୯୧, ଢେଙ୍କାନାଳ ଜିଲ୍ଲାରେ ୩୦୫୦. ଗଜପତି ଜିଲ୍ଲାରେ ୩୩୪୦, ଗଂଜାମ ଜିଲ୍ଲାରେ ୧୯୬୧୮, ଜଗତସିଂହପୁର ଜିଲ୍ଲାରେ ୩୯୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୬୮୩୬ , ଝାରସୁଗୁଡା ଜିଲ୍ଲାରେ ୩୨୪୨, କଳାହାଣ୍ଡି ଜିଲ୍ଲାରେ ୨୫୬୪, କନ୍ଧମାଳ ୩୫୬୩, କେନ୍ଦ୍ରାପଡା ଜିଲ୍ଲାରେ ୩୮୬୨, କେନ୍ଦୁଝର ଜିଲ୍ଲାରେ ୩୪୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫୪୪୧ , ମାଲକାନଗିରି ଜିଲ୍ଲାରେ ୩୧୧୪, ମୟୁରଭଂଜ ଜିଲ୍ଲାରେ ୬୫୮୮. ନବରଙ୍ଗପୁର ଜିଲ୍ଲାରେ ▶▶ପୃଷ୍ଠା ୭

ସଂସଦରେ ପାରିତ କୃଷି ବିଲ୍ ଐତିହାସିକ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୯ (ନି.ପ୍ର): ଆଜି ସଂସଦରେ ପାରିତ କୃଷି ବିଲ୍‌କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ଏହି ବିଲ୍ ଐତିହାସିକ ବୋଲି କହିଛନ୍ତି । ଏହି କୃଷି ବିଲ୍ ସଂସଦରେ ପାରିତ ହୋଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି କୃଷକ ଏବଂ ଉତ୍ପାଦନ ବାଣିଜ୍ୟ ଏବଂ ବ୍ୟବସାୟ (ପଦୋନ୍ନତି ଏବଂ ସୁବିଧା) ବିଲ୍ ୨୦୨୦ ଏବଂ କୃଷି ସେବା ବିଲ୍ ୨୦୨୦ କୃଷକମାନଙ୍କ ଉତ୍ପାଦିତ ମୂଲ୍ୟକୁ ନିଶ୍ଚିତ କରିବ ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଯେକୌଣସି ବଜାରରେ ବିକ୍ରି କରିବା ପାଇଁ ସହାୟକ ହେବ । ଚାଷୀଙ୍କୁ ଆତ୍ମନିର୍ଭର କରିବାରେ ସହାୟକ ହେବ । ଏହି ବିଲ୍ କୃଷକଙ୍କୁ ସଶକ୍ତ କରିବା ସହ କୃଷି ଭିତିଭୂମିକୁ ମଜବୁତ୍ କରିବ ଏବଂ ଚାଷୀଙ୍କ ପାଇଁ ନୂଆ ବଜାର ସୃଷ୍ଟି ହେବ । ପାରିତ କୃଷି ବିଲ୍ ଦ୍ୱାରା ଚାଷୀଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ କିଛି ପ୍ରଭାବ ପଡିବ ନାହିଁ । ଏହି ବିଲ୍ କୃଷି କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଆଣିବ । ଦେଶର ଚାଷୀଙ୍କ ଆୟ ବଢିବ ଏବଂ ସେମାନଙ୍କ ଜୀବନରେ ସୁ ଭାବ ପକାଇବ ଶ୍ରୀ ପ୍ରଧାନ କହିଛନ୍ତି । ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସିଧାସଳଖ ମାର୍କେଟିଂ ପାଇଁ ସ୍ୱାଧୀନତା ପାଇବେ ଏବଂ ଏମଏସପି ବ୍ୟବସ୍ଥା କାରଣରୁ ଅଧିକ ମୂଲ୍ୟ ପାଇବାକୁ ସକ୍ଷମ ହେବେ । କୃଷକମାନଙ୍କ ଉତ୍ପାଦିତ ମୂଲ୍ୟକୁ ନିଶ୍ଚିତ କରିବ ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଯେକୌଣସି ବଜାରରେ ବିକ୍ରି କରିବା ପାଇଁ ସହାୟକ ହେବ । କୃଷକ ମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରୟରେ ମଧ୍ୟସ୍ଥି ଓ ଦଲାଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି । ନୂଆ ନିୟମ ଚାଷୀ ଓ ଚାଷୀ ବ୍ୟବସାୟୀଙ୍କ ମାନଙ୍କୁ ଅବାଧ ଓ ମୁକ୍ତ ଭାବରେ କୃଷି ଉତ୍ପାଦନ କ୍ରୟ ଓ ବିକ୍ରୟର ସୁବିଧା ଦେବ । ନିଯୁକ୍ତି ସୃଷ୍ଟି କରିବା ସହ ଅର୍ଥନୀତିକୁ ମଜବୁତ୍ କରିବ ।

ନୂଆପଡା ଜିଲ୍ଲାରେ ବାଘଛାଲ ଓ ବାରହା ମାଂସ ଜବତ

ଭୁବନେଶ୍ୱର,୨୦।୯ (ନି.ପ୍ର): ନୂଆପଡା ଜିଲ୍ଲାରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ଏକ ବାଘଛାଲ, ବାରହା ମାଂସ ସହ ଆଉ କେତେକ ବେଆଇନ ସାମଗ୍ରୀ ଜବତ କରା ଯାଇଛି । ଏହି ମାମଲାରେ ଟିପାଝର ଗ୍ରାମର ଜଣେ ମହିଳା ଏବଂ ଦୁଇ ଜଣ ଯୁବକଙ୍କୁ ଗିରଫ କରା ଯାଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ବିଭାଗ ପକ୍ଷରୁ ଜିଲ୍ଲାର ସଦର ବ୍ଲକ ସୁନାବେଡା ଅଭୟାରଣ୍ୟ ଟିପାଝର ଗ୍ରାମରୁ ଚଢ଼ାଉ କରି ଏକ ବାଘଛାଲ, ବାରହା ମାଂସ ସହ ଆଉ କେତେକ ବେଆଇନ ସାମଗ୍ରୀ ଜବତ କରିଛନ୍ତି ।

୨୪ ଘଂଟାରେ ସୁସ୍ଥ ହେଲେ ୪୦୧୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୦।୯ (ନି.ପ୍ର): ଷ୍ଟେଟ୍ ପୁଲ୍‌ରୁ ୨୦୪ଜଣଙ୍କ ସମେତ ରାଜ୍ୟ ସମସ୍ତ ୩୦ ଜିଲ୍ଲାରୁ ରବିବାର ଦିନ ୪୦୧୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୪୦ ଜଣ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନା ସୁସ୍ଥଙ୍କ ସଂଖ୍ୟା ୧ ଲକ୍ଷ ୪୫ ହଜାର ୬୭୫ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ କଟକ ଜିଲ୍ଲାରୁ ୪୩୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୨୭୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୯୪ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩୯ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୩୬ ଜଣ, ଜଗତସିଂହପୁର ଜିଲ୍ଲାରୁ ୧୨୬ ଜଣ, ଯାଜପୁର ଜିଲ୍ଲାରୁ ୧୨୦ ଜଣ, ଅନୁଗୁଳ ଜିଲ୍ଲାରୁ ୧୧୬ ଜଣ, ରାୟଗଡ଼ା ଜିଲ୍ଲାରୁ ୧୧୩ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୧୧ ଜଣ ଓ ଭଦ୍ରକ ଜିଲ୍ଲାରୁ ୧୦୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବରଗଡ଼ ଜିଲ୍ଲାରୁ ୯୫ ଜଣ, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାରୁ ୯୦ ଜଣ ଲେଖାଏଁ, କୋରାପୁଟ ଜିଲ୍ଲାରୁ ୮୮ ଜଣ, ମୟୂରଭଂଜ ଜିଲ୍ଲାରୁ ୮୩ ଜଣ, ନୂଆପଡ଼ା ଜିଲ୍ଲାରୁ ୭୭ ଜଣ, ▶▶ପୃଷ୍ଠା ୭

ଗୋଟିଏ ଦିନରେ ୪୩୩୦ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୯୮୮୦କୁ ବୃଦ୍ଧି

ଭୁବନେଶ୍ୱର,୨୦।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୩୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୯୮୮୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୪୧୬୫୭ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୭୪୬୯ ରହିଛି । ଆଜି ଚିହ୍ନଟ ହୋଇଥିବା ୪୩୩୦ ଜଣଙ୍କ ମଧ୍ୟରୁ ୨୫୫୬ ଜଣ ସଂଗରୋଧରୁ ହୋଇଥ

"ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ର ସେବାରେ ସମର୍ପିତ ଗୋଟିଏ ଜୀବନ" ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ

ଭୁବନେଶ୍ୱର,୨୦।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ନେଇ ୱେବିନାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର ୨ଟି ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସମାଜର ପ୍ରମୁଖ ବୁଦ୍ଧିଜୀବୀ ଓ ପ୍ରବୁଦ୍ଧ ନାଗରିକମାନେ ଯୋଗଦେଇଥିଲେ । ଗତ କାଲି ପ୍ରଥମ ଦିନର ସମ୍ମିଳନୀରେ ରାଜ୍ୟର ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ବରଗଡ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ, ମୟୁରଭଂଜ ଓ ଢେଙ୍କାନାଳ ପ୍ରମୁଖ ୯ଟି ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରମୁଖ ବୁଦ୍ଧିଜୀବୀ, ନାଗରିକ, ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱ ଏବଂ କର୍ତ୍ତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବକ୍ଷେତ୍ର ବିଦ୍ୟାଭାରତୀ ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା.ବାଂଚାନିଧି ପଣ୍ଡା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ପ୍ରକୃତ ରାଷ୍ଟ୍ରନାୟକ ବୋଲି ସମ୍ବୋଧନ କରିଥିଲେ । "ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ"କୁ ପାଥେୟ କରି ପ୍ରଧାନ ସେବକ ଭାବେ ଗତ ୬ ବର୍ଷ ମଧ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତବର୍ଷକୁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । "ମନ୍‌କି ବାତ୍" କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦି ଦେଶବାସୀଙ୍କ ସହ ଯୋଡି ହୋଇ ରହିବାର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ଦେଶର ବହୁ ଜନ ଓ ଗରୀବକଲ୍ୟାଣ ଯୋଜନାର ଶୁଭାରମ୍ଭଠୁ ଆରମ୍ଭ କରି ଦେଶ ହିତ ଏବଂ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ କଠୋର ଓ ଦୃଢ ନିଷ୍ପତିକୁ ବିସ୍ତୃତ ଭାବେ ଡା.ପଣ୍ଡା ଆଲୋଚନା କରିଥିଲେ । ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ସ୍ୱାଗତ ଜଣାଇଥିଲେ ଏବଂ ଅନ୍ୟତମ ରାଜ୍ୟ ଉପସଭାପତି ବିଧାୟକ ନାଉରୀ ନାଏକ ଧନ୍ୟବାଦ ଜଣାଇଥିଲେ । ଦ୍ୱିତୀୟ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ରାଜାରାମ ଶତପଥୀ ଯୋଗ ଦେଇଥିଲେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଭୂବନେଶ୍ୱର, ପୁରୀ, ଆସ୍କା, ଗଂଜାମ ଓ କନ୍ଧମାଳ ପ୍ରମୁଖ ୧୨ଟି ଲୋକସଭା ନିର୍ବାଚନମଣ୍ଡଳୀର ବୁଦ୍ଧିଜୀବୀ, ନାଗରିକ ଓ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ । ବର୍ଷ ବର୍ଷ ଧରି ଲାଗି ବିବାଦ ହୋଇ ରହିଥିବା ଧାରା ୩୭୦ ଉଚ୍ଛେଦ, ଟ୍ରିପଲ ତଲାକ ବ୍ୟବସ୍ଥା ଉଚ୍ଛେଦ, ଜାମ୍ମୁ କାଶ୍ମୀର ଓ ଲଦ୍ଦାଖକୁ ପୃଥକ ରାଜ୍ୟ ଘୋଷଣା, ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ବିବାଦର ସୁସମାଧାନ କରି ଦେଶବାସୀଙ୍କ ମନ ଭିତରେ ଆଶାର ସଂଚାର ସୃଷ୍ଟି କରିଛନ୍ତି । ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ବର୍ତମାନ ଦେଶର ବିକାଶ ପାଇଁ ଏକ ନୂତନ ବାର୍ତା ସାଜିଛି । ସେହିପରି ଯୋଗକୁ ଆନ୍ତର୍ଜାତିକ ସ୍ତରରେ ପହଂଚାଇ ଦେଶବାସୀଙ୍କୁ ଗର୍ବାନ୍ୱିତ କରିଛନ୍ତି । ଆନ୍ତର୍ଜାତିକ ସ୍ତରରେ ଆଜି ପ୍ରତ୍ୟେକ ଦେଶବାସୀ ନିଜକୁ ଗର୍ବର ସହ ଭାରତୀୟ ବୋଲି ପରିଚୟ ଦେଇପାରୁଛି । ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଭାରତବର୍ଷର ସୁନାମ ଓ ସମ୍ମାନ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିଚାର ମୂଳରେ ଭାରତୀୟତା ଦୃଷ୍ଟିକୋଣ ପ୍ରତିଫଳିତ ହୁଏ ବୋଲି ଆଜିର ସମ୍ମିଳନୀରେ ମୁଖବକ୍ତା ଶ୍ରୀ ଶତପଥୀ ଉଦ୍‌ବୋଧନ ଦେଇ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶୀନି ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟତମ ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ ଶେଷରେ ଧନ୍ୟବାଦ ଜଣାଇଥିଲେ । ସେବା ସପ୍ତାହର ଶେଷ ଦିନ ଆସନ୍ତା କାଲି ସ୍ୱଚ୍ଛଭାରତ ଅଭିଯାନକ୍ରମେ ରାଜ୍ୟର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ ।

ଗୀତିକାର ଶାରଦାପ୍ରସନ୍ନ ନାୟକଙ୍କ ସ୍ମୃତିରେ ଦିଆଯିବ 'ଶାରଦା ପ୍ରସନ୍ନ ଗୀତି କବିତା ପୁରସ୍କାର' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୯ (ନି.ପ୍ର): ବିଶିଷ୍ଟ ଗୀତିକାର , ପ୍ରଯୋଜକ ସଂଗୀତ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ନାୟକଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ 'ଶାରଦା ପ୍ରସନ୍ନ ଗୀତି କବିତା ପୁରସ୍କାର' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଘୋଷଣା କରିଛନ୍ତି । ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଗୀତିକବିତା ପାଇଁ ପ୍ରଦାନ କରାଯାଉଥିବା ପୁରସ୍କାରକୁ ଶାରଦା ପ୍ରସନ୍ନ ନାୟକଙ୍କ ନାମରେ ନାମିତ କରାଯିବା ସହ ପୁରସ୍କାର ରାଶିକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଶାରଦା ପ୍ରସନ୍ନ ନାୟକ ଓଡିଆ ସାରସ୍ୱତ ଜଗତର ଅମଳୀନ ପ୍ରତିଭା । ଜଣେ ଗୀତିକାର, ପ୍ରଯୋଜକ, ସଂଗୀତ ନିର୍ଦ୍ଦେଶକ ଭାବରେ ଓଡିଆ ସାଂସ୍କୃତିକ ଜଗତରେ ତାଙ୍କ ଅଳିଭା ସ୍ମୃତିକୁ ଛାଡିଯାଇଛନ୍ତି । ତାଙ୍କ ସ୍ମୃତିରେ ଆଜି (ଶନିବାର) ସଂଖ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ଏବଂ କେଳୁ ଚରଣ ଓଡିଶୀ ଗବେଷଣା କେନ୍ଦ୍ରର ମଳିତ ସହଯୋଗରେ ରାଜ୍ୟ ସ୍ତରୀୟ ଏକାଦଶାହ ସଭା ଅନୁଷ୍ଠିତ ହେବ ।

କରୋନାରେ ରୋଟାରୀ କ୍ଲବ ପୂର୍ବତନ ସଭାପତିଙ୍କ ବିୟୋଗ

ବାଲେଶ୍ୱର,୨୦।୯ (ନି.ପ୍ର): କରୋନାରେ ରୋଟାରୀ କ୍ଲବର ପୂର୍ବତନ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂଙ୍କର ଦେହାନ୍ତ ହୋଇଯାଇଛି । ଗତକାଲି ସକାଳେ ଭୁବନେଶ୍ୱରସ୍ଥିତ ସୋମ ହସପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ୫ ଦିନ ପୂର୍ବରୁ ସେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଅସୁସ୍ଥ ହୋଇ ଭର୍ତ୍ତି ହୋଇଥିଲେ । ପରେ ତାଙ୍କୁ ଜ୍ୟୋତି ହସପିଟାଲ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ଖରାପ ହେବାରୁ ତାଙ୍କୁ ସୋମ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲେ ବି ତାଙ୍କର ଦେହାନ୍ତ ହୋଇ ଯାଇଥିଲା । ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ଏକମାତ୍ର ପୁଅ ହର୍ଷବର୍ଦ୍ଧନ ସିଂ, ପତ୍ନୀ କନକଲତା ଦାସ ମଧ୍ୟ କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି । ସେନାବାହିନୀରୁ ଅବସର ପରେ ସେ ରୋଟରୀ କ୍ଲବରେ ଯୋଗଦେଇ ଲୋକମାନଙ୍କର ସେବାରେ ନିଜକୁ ବ୍ରତୀ କରାଇଥିଲେ । ତାଙ୍କର ମୃତ୍ୟୁରେ ବାଲେଶ୍ୱର ରୋଟାରୀ କ୍ଲବର ସଦସ୍ୟମାନେ ଭର୍ଚୁଆଲ ଶୋକସଭାରେ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ସଭାପତି ଭାବଗ୍ରାହୀ ମହାନ୍ତି ଶୋକ ପ୍ରସ୍ତାବ ଆଗତ କରିବା ପରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ପରିବାରବର୍ଗଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସଭ୍ୟମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପଦ୍ମାରବିନ୍ଦ ମହାପାତ୍ର, ଆଶୀଷ ମହାପାତ୍ର, ସୌରଭ ବେହେରା, ଯଶୋଦାନନ୍ଦନ ଆଶ, ଆଶୀଷ ମହାପାତ୍ର, ସତ୍ୟନାରାୟଣ ନନ୍ଦ, ବିଷ୍ଣୁଦାସ କୁଣ୍ଡୁ, ଜୟନ୍ତ ବେହେରା, ସତୀଶ ଅଗ୍ରୱାଲ, ଦେବେନ୍ଦ୍ର କୁମାର ଧଳ, ଉପେନ୍ଦ୍ର ବେହେରା, ଭମି ଉଦୟ କୁମାର, ରାମଚନ୍ଦ୍ର ଓଝା, ବିକାଶ କର, ଲକ୍ଷ୍ମୀକାନ୍ତ ଦାସ, ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍କଳ ଆଲୁମିନା ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

ରାୟଗଡ଼ା,୨୦।୯ (ନି.ପ୍ର): ଗ୍ରାମାଞ୍ଚଳ ଓ ଖଣି ଓ ଶିଳ୍ପ ନିକଟବର୍ତ୍ତି ଅଂଚଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଏକ ଉତ୍କଟ ସମସ୍ୟା ହୋଇ ରହିଛି । ଏହି ସମସ୍ୟାକୁ ବିଚାରକୁ ନେଇ ଓ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ ସ୍ୱରୂପ, ରାୟଗଡ଼ା ଜିଲ୍ଲାର ଦୁର୍ଗମ କାଶିପୁର ବ୍ଲକ୍‌ରେ ଅବସ୍ଥିତ ଆଦିତ୍ୟବିର୍ଲା ଗ୍ରୁପ୍‌ର କଂପାନି ଉତ୍କଳ ଆଲୁମିନା ପକ୍ଷରୁ ଏକ୍ଷେତ୍ରରେ ଅଗ୍ରଦୂତ ଭାବେ କାମ କରାଯାଉଛି । ଗ୍ରାମବାସୀଙ୍କ ପାଖରେ ବିଶୁଦ୍ଧ ପାନୀୟ ଜଳ ପହଂଚାଇବା ଓ ଉପଲବ୍ଧ କରାଇବା ନିଶ୍ଚିତ କରିବା ପାଇଁ ଏହା କେତେକ ପଦକ୍ଷେପ ହାତକୁ ନେଇଛି । ଉତ୍କଳ ଆଲୁମିନା ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ପାଇକକୁପଖାଲ, ମାଲିଗାଁ, ନୂଆପଡ଼ା, କୁଚେଇପଦର, ଲୁଣ୍ଡୁକଣା, କାଂଚଗୁମା, ଡି କୋରାଲିନ୍ ଭଳି ପ୍ରାୟ ୭ଟି ଗାଁରେ ୧୧୮ ହାଣ୍ଡ୍ ପମ୍ପ୍ ନଳକୂପ ସ୍ଥାପନ କରାଯାଇଛି ଯାହା ୧୭୫୦୦ରୁ ଅଧିକ ପରିବାର ପାଖରେ ପହଂଚିଛି । ଏହା ବ୍ୟତୀତ ତିନିଟି ସୌର ଭିତିକ ପାନୀୟ ଜଳ ବ୍ୟବସ୍ଥାକୁ ଦ୍ୱିମୁଣ୍ଡି ଓ ଯୋଗୀପରିତୁଣ୍ଡରେ ଥିବା ପୁରୁଣା ନଳକୂପ ସହ ଯୋଡ଼ାଯାଇଛି । କୋଡ଼ିପରି, ମାଇକାଂଚ, ଚନ୍ଦ୍ରଗିରି ଗ୍ରାମ ପଂଚାୟତରେ କଂପାନି ପକ୍ଷରୁ ୧୫୦୦ ଲିଟର କ୍ଷମତା ବିଶିଷ୍ଟ କ୍ଷୁଦ୍ର କୂପ ମଧ୍ୟ ନିର୍ମାଣ କରାଯାଉଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୧୪ଟି ବିଭିନ୍ନ ଗ୍ରାମରେ ୩୪ରୁ ଅଧିକ ହାଣ୍ଡପମ୍ପ୍ ନଳକୂପର ମରାମତି କରିଛି ଓ ନିୟମିତ ବ୍ୟବଧାନରେ ତାହାକୁ ଜୀବାଣୁମୁକ୍ତ କରୁଛି । ପଣ୍ଡକାପଦର, ଧୋଧପାସ, ବଡ଼ିଝରଣ, ଦ୍ୱିମୁଣ୍ଡି, ଗୁଡ଼ିଘାଟ, ଘାଟିଗୁଡ଼ା, ବିରିଗୁଡ଼ା, ଖଙ୍ଗରମୁଣ୍ଡା ଓ ଟିକିରା ପଦରରେ ସିଂଚନ ଭିତିକ ଜଳ ଯୋଗାଣ ବ୍ୟବସ୍ଥା ୧୮୫୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ବରଦାନ ସାଜିଛି । ଉତ୍କଳ ଆଲୁମିନାର ଏହି ଅଭିଯାନଗୁଡ଼ିକୁ ସାଧାରଣ ଜନତା ଓ ଜିଲ୍ଲା ପ୍ରଶାସନ ସହୃଦୟତାର ସହ ସ୍ୱାଗତ କରିଛନ୍ତି ।

ଅବସର ପ୍ରାପ୍ତ ଟ୍ରେଜେରୀ ହିସାବ ରକ୍ଷକଙ୍କ ପରଲୋକ

କେନ୍ଦ୍ରାପଡା,୨୦।୯ (ନି.ପ୍ର): କେନ୍ଦ୍ରାପଡା ଟ୍ରେଜେରୀ ଅଫିସରେ ହିସାବ ରକ୍ଷକ ଭାବେ ବହୁ ବର୍ଷଧରି କାର୍ଯ୍ୟକରି ଅବସର ନେଇଥିବା ଗୋପ ଗ୍ରାମ ବାସିନ୍ଦା କୃତିବାସ ସ୍ୱାଇଁଙ୍କର ୭୫ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ଅବସର ଗ୍ରହଣ ପରେ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ୍ କରିଥିଲେ । ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଁଚି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଜମିବାକୁ କେନ୍ଦ୍ରକରି ରାସ୍ତା ବନ୍ଦ, ବୁଝିଲାନି ପୁଲିସ, ଏସପିଙ୍କୁ ଗୁହାରୀ

କୋରେଇ,୨୦।୯ (ନି.ପ୍ର): କୋରାଇ ଥାନା ଅନ୍ତର୍ଗତ ସାଦକପୁର ପଂଚାୟତର ବାରଦା ଗ୍ରାମର ୺କୃଷ୍ଣ ମଲିକଙ୍କ ପୁଅ ନଥିବାରୁ ତାଙ୍କ ଝିଅ ମାଳତୀଙ୍କୁ ରମେଶ ସହ ବିବାହ କରାଇ ଘରେ ରଖିଥିଲେ । କୃଷ୍ଣଙ୍କ ଦେହାନ୍ତ ପରେ ମାଳତୀର ଦାଦା ରାମ ଚନ୍ଦ୍ର ମଲିକଙ୍କ ପୁଅ ନରହରି, ବିନୋଦ ଓ କୈଳାସ ଜମିବାଡିକୁ କେନ୍ଦ୍ର କରି ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଛନ୍ତି । ଜମିବାଡି ଭାଗ ସଠିକଭାବେ ଚିହ୍ନଟ କରିବା ପରିବର୍ତ୍ତେ ତାଙ୍କୁ ବହୁ ଅସୁବିଧାରେ ପକାଉଛନ୍ତି । ଗତ ୭ ତାରିଖ ବିନୋଦ ଓ ନରହରି ମାଳତୀର ବାଡିରେ ପଶି ନଡିଆ ତୋଳିବାକୁ ମାଳତୀ ବିରୋଧ କରିଥିଲେ । ଫଳରେ ସେମାନେ ସଙ୍ଗବଦ୍ଧ ହୋଇ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ମାରଣାସ୍ତ୍ର ଦ୍ୱାରା ଜୀବନରୁ ମାରିଦେବାକୁ ଧମକ ଦେଇଦେଲେ । ଫଳରେ ସେଠାରୁ ଫେରି ମାଳତୀର ଯାତାୟତ ରାସ୍ତାକୁ ବାଡ ବୁଜି ବନ୍ଦ କରିଦେଲେ । ଫଳରେ ଘରେ ବନ୍ଦୀ ଭାବେ ଜୀବନ କଟାଉଛନ୍ତି ମାଳତୀ ପରିବାର । ଚାଷ ଜମି ଦେଇ ଘରୁ ଆସି ଏନେଇ ମାଳତୀ ଗତ ୧୨ ତାରିଖ କୋରାଇ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ କରୁନାହିଁ । ଫଳରେ ବନ୍ଦୀଭାବେ ଜୀବନ ବିତାଉଥିବା ମାଳତୀ ପରିବାର ଏସପିଙ୍କୁ ଗୁହାରୀ କରିଛନ୍ତି । ତୁରନ୍ତ ତାଙ୍କ ଯାତାୟତ ରାସ୍ତାରୁ ବାଡ ଉଠାଇବାସହ ସମସ୍ୟାର ସମାଧାନ ପାଇଁ ଗୁହାରୀ କରିଛନ୍ତି ।

ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ ପାଳିତ : ପୁରୀ ଜିଲ୍ଲାରେ ୫୧ଟି ସ୍ଥାନରେ ହେଲା ସଫେଇ କାର୍ଯ୍ୟକ୍ରମ

ପୁରୀ,୨୦।୯ (ନି.ପ୍ର): ପ୍ରତିବର୍ଷ ସେପ୍ଟେମ୍ବର ମାସ ତୃତୀୟ ଶନିବାର ଦିନ ସାରା ବିଶ୍ୱରେ ପାଳିତ ହେଉଛି ବେଳାଭୂମି ସଫେଇ ଦିବସ । ଏହି ଅବସରରେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଠାରୁ ଅସ୍ତରଙ୍ଗ ବେଳାଭୂମି ପର୍ଯ୍ୟନ୍ତ ୫୧ ଟି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରୀ ପୌରାଚଂଳ ଅନ୍ତର୍ଗତ ଷ୍ଟଲିଂ ରିସୋର୍ଟଠାରୁ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୧୦ଟି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତି ସ୍ଥାନରେ ୧୦ ଜଣ ସ୍ୱେଚ୍ଛାସେବୀଙ୍କ ସହିତ ଜଣେ ନୋଡ଼ାଲ୍ ଅଫିସର ସଫେଇରେ ସାମିଲ୍ ହୋଇଥିଲେ । ସେହିପରି କୃଷ୍ଣପ୍ରସାଦ ବ୍ଲକର ୧୧ଟି ସ୍ଥାନ, ବ୍ରହ୍ମଗିରି, ଗୋପ, ଅସ୍ତରଙ୍ଗ ଓ କାକଟପୁର ଉପକୂଳର ୫ଟି ଲେଖାଏଁ ସ୍ଥାନରେ ସ୍ୱେଚ୍ଛାସେବୀ ମାନେ ସଫେଇ କରିଥିଲେ । ଜିଲ୍ଲାପାଳ ବଳୱନ୍ତ ସିଂହଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକର ବିଡ଼ିଓ ମାନେ ଏହି ସଫେଇ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଏ ସମ୍ପର୍କରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡ଼ିଏ)ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ଖୁସଓ୍ୱନ୍ତ ସିଂହ ଯୋଗଦେଇ ସଫେଇ ଅଭିଯାନରେ ସାମିଲ୍ ହୋଇଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । କରୋନା କଟକଣାକୁ ମାନି ସ୍ୱେଚ୍ଛାସେବୀ ମାନେ ସାମାଜିକ ଦୂରତା ରକ୍ଷା କରିବା ସହ ମୁହଁରେ ମାସ୍କ ପିନ୍ଧି ଥିଲେ । କରୋନା କଟକଣା ସରିବା ପରେ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହୋଇ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଶ୍ରୀ ସିଂହ ସୂଚନା ଦେଇଥିଲେ ।

ମା ଓ ପୁଅଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସକୁ ନେଇ ଅଭିଯୋଗ

କେନ୍ଦ୍ରାପଡା,୨୦।୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ୨୦ନଂ ୱାର୍ଡର ମହିପାଳ ଗ୍ରାମରେ ଗୋଟିଏ ପରିବାରର ମା ଓ ପୁଅଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ମିଳିବା ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ସେହି ଗ୍ରାମର ସୂଚନା ଅଧିକାର କର୍ମୀ ରାଇ କିଶୋର ମହାନ୍ତି ଏ ସମ୍ବନ୍ଧୀୟ ତଥ୍ୟ ଆରଟି ଆଇ ଆକ୍ଟରେ କେନ୍ଦ୍ରାପଡା ପୌରସଂସ୍ଥାରୁ ହାସଲ କରିବା ପରେ ଜିଲ୍ଲାପାଳ ପୌର ନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଖାତା ନଂ-୪୧, ପ୍ଲଟ ନଂ-୩୩୧ର ମାଲିକାନା ରେ ଥିବା ବ୍ୟକ୍ତିଙ୍କ ପରିବାର ରେ ଏଭଳି ଅସଙ୍ଗତି ବେଆଇନ କାର୍ଯ୍ୟ ହୋଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

ସ୍ୱର୍ଗତ କମଳକାନ୍ତ ରାଉତଙ୍କ ବିୟୋଗରେ ପ୍ରଚାର ସମିତି ପକ୍ଷରୁ ଶୋକସଭା

ଭଦ୍ରକ, ୨୦/୯ (ହି.ସ.) - କିଟ୍ ପରିସରସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ସ୍ୱର୍ଗତ କମଳାକାନ୍ତ ରାଉତଙ୍କର ୮୫ ବର୍ଷ ବୟସରେ ଭୁବନେଶ୍ୱର ଠାରେ ଦେହାନ୍ତ ଘଟିଥିବା ଖବର ପାଇ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକକୁ ଗଭୀର ଭାବେ ମର୍ମାହତ କରିଛି । ଏଥି ପାଇଁ ସମିତି ପକ୍ଷରୁ ଏକ ଶୋକସଭା ଅପର୍ତ୍ତିବନ୍ଧା ସ୍ଥିତ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ବାସଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସ୍ୱର୍ଗତ ରାଉତଙ୍କର ଭଦ୍ରକ ପ୍ରଚାର ସମିତି ପ୍ରତି ବହୁବିଧ ସ୍ନେହ ରହିଥିଲା । ସେ ସମିତିକୁ ଶ୍ରୀଜଗନ୍ନାଥଙ୍କ ପାଟସେବା, ଭୁବନେଶ୍ୱର ଠ

ଉପକାରୀ ସୁଗନ୍ଧ

ଲେମ୍ବୁ :
ଏହାର ସୁଗନ୍ଧ ଇନ୍ଦ୍ରିୟଗଡ଼ିକୁ ସତେଜ କରିବା ସହ ଏକାଗ୍ରତା ବଢ଼ାଇଥାଏ । ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ ଯେଉଁ ପ୍ରତିଯୋଗୀମାନଙ୍କୁ ଲେମ୍ବୁ ଶୁଙ୍ଘିବା ଲାଗି ଦିଆଯାଇଥିଲା, ସେମାନେ କରିଥିବା ଟାଇପ୍‌ରେ ୫୪ ପ୍ରତିଶତ କମ୍ ତ୍ରୁଟି ରହିଥିଲା । ଲେମ୍ବୁର ସୁଗନ୍ଧ ମଣିଷକୁ କ୍ରୋଧ, ଚିନ୍ତାରୁ ମୁକ୍ତି ଦେବାରେ ସହାୟକ । ଏହା ବ୍ୟତୀତ ଲେମ୍ବୁ ଖାଇବା ଦ୍ୱାରା ଗଳା ସମସ୍ୟା, ଥଣ୍ଡାସର୍ଦ୍ଦି ଆଦି ଦୂର ହୋଇପାରେ । ଏଥିରେ ଜୀବାଣୁ ଏବଂ ଭୂତାଣୁ ପ୍ରତିରୋଧକ ଗୁଣ ରହିଛି ।

ଡାଲଚିନି :
ଗବେଷଣାରୁ ଜଣାଯାଇଛି ଯେ ଡାଲଚିନିର ସୁଗନ୍ଧ ମାନସିକ କ୍ଳାନ୍ତି ଦୂର କରିବା ସହ ଏକାଗ୍ରତା ବଢ଼ାଇବାରେ ସହାୟକ । ଡାଲଚିନିର ଉତ୍ତେଜକ ଗୁଣ ମଣିଷର ସ୍ମୃତିଶକ୍ତି ବଢ଼ିବାରେ ସହାୟକ ହୁଏ । ଏହା ପାଠ ପଢୁଥିବା ମଣିଷଙ୍କ ପାଇଁ ଖୁବ୍ ଲାଭଦାୟକ । ଡାଲଚିନିର ସୁଗନ୍ଧ ସ୍ମୃତିଶକ୍ତି ସହ ଜଡ଼ିତ କାର୍ଯ୍ୟଗୁଡ଼ିକରେ ସଫଳତା ଦେଇଥାଏ ।

ମଲ୍ଲୀ ତେଲ : ମନକୁ ଶାନ୍ତ ତଥା ଅବସାଦମୁକ୍ତ କରି ରଖିବା ଦିଗରେ ମଲ୍ଲୀ ତେଲ ବେଶ୍ ଉପକାରୀ । ଏହା ଆଶାବାଦୀ କରାଇବା ସହ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ମନୋଭାବ ବଢ଼ାଇଥାଏ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବିରତି ନେଇ ମଲଲୀ ତେଲର ସୁଗନ୍ଧ ଆଘ୍ରାଣ କରିବା ଦ୍ୱାରା ମସ୍ତିଷ୍କ ସତେଜ ହୋଇଯାଏ ଏବଂ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟେ ।

ଲାଭେଣ୍ଡର :
ଏହାର ମଧୁର ସୁଗନ୍ଧ ସ୍ନାୟୁକୁ ପ୍ରଭାବିତ କରିଥାଏ । ଉତ୍ତେଜନା, ଅବସାଦ, ମୁଣ୍ଡବ୍ୟଥା, ଅଧିକପାଳି ଆଦି ସମସ୍ୟାରୁ ଉପଶମ ଦେବାରେ ଲାଭେଣ୍ଡର ସୁଗନ୍ଧ ଉପକାରୀ । କାର୍ଯ୍ୟବ୍ୟସ୍ତତା ସମୟରେ ଏହି ସୁଗନ୍ଧ ଏକାଗ୍ରତା ବଢ଼ାଇପାରେ ।

ପୋଦିନା :
ସକାଳୁ ମାନ୍ଦା ଲାଗୁଥିଲେ ମାତ୍ର କେତୋଟି ପୋଦିନା ପତ୍ର ହାତରେ ମକଚି ଏହାକୁ ଶୁଙ୍ଘି ଦିଅନ୍ତୁ । ପିପରମେଣ୍ଟର ସୁଗନ୍ଧ ମନ ଓ ମସ୍ତିଷ୍କକୁ ସତେଜ କରିବା ସହ ଏକାଗ୍ରତା ଏବଂ ସତର୍କତା ବଢ଼ାଇପାରେ । ୨୦୧୩ରେ କରାଯାଇଥିବା ଏକ ଗବେଷଣାରେ ଜଣାପଡ଼ିଥିଲା ଯେ ପୋଦିନା ତେଲ କ୍ଳାନ୍ତି ଦୂର କରିବା ସହ ବ୍ୟାୟାମ ପ୍ରଦର୍ଶନରେ ସୁଧାର ଆଣିବାରେ ସହାୟକ ।
ଏସବୁ ବ୍ୟତୀତ ଘରେ ଥିବା କଫିର ସୁଗନ୍ଧ ମଧ୍ୟ ଉପକାରୀ । ଗବେଷଣା ରିପୋର୍ଟ ଅନୁସାରେ, କଫିର ସୁଗନ୍ଧ ଛାତ୍ରମାନଙ୍କୁ ବିଶ୍ଳେଷଣାତ୍ମକ କାର୍ଯ୍ୟରେ ବିଶେଷ ସହାୟକ ହୋଇଥାଏ । ତେଣୁ ମନ ଭଲ ଲାଗୁନଥିଲେ କିମ୍ବା ମାନ୍ଦା ଲାଗୁଥିଲେ ଏହା ମଧ୍ୟରୁ ଯେକୌଣସି ସୁଗନ୍ଧ ଆଘ୍ରାଣଣ କରି ସତେଜ ଏବଂ ସୁସ୍ଥ ଅନୁଭବ କରିପାରନ୍ତି ।



ଚମତ୍କାର ପଥର

ତାମିଲନାଡୁର ସମୁଦ୍ରତଟବର୍ତ୍ତୀ ସହର ମହାବଳିପୁରମ୍ । ଏହି ସହରଟି ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଭାବେ ଖ୍ୟାତି ଅର୍ଜନ କରିଛି । ମହାବଳିପୁରମ୍ ମନ୍ଦିର ଯେତିକି ଆକର୍ଷଣୀୟ ତା'ଠାରୁ ଅଧିକ କୌତୂହଳ ସୃଷ୍ଟି କରିଛି ଏଠାରେ ଥିବା ଏକ ବିରାଟକାୟ ପଥର ଖଣ୍ଡ । ଏହି ପଥର ଖଣ୍ଡ ବୈଚିତ୍ର୍ୟ ଆଗରେ ବିଜ୍ଞାନ ବି ଚୁପ୍ ପଡ଼ିଯାଇଛି । ଏକ ଛୋଟ ପାହାଡ଼ର ଗଡ଼ାଣିଆ ସ୍ଥାନରେ ଅଟକି ରହିଛି ୨୫୦ ଟନ ଓଜନର ବିରାଟକାୟ ଗ୍ରାନାଇଟ୍ ବା ମୁଗୁନି ପଥରଖଣ୍ଡ । ତିନିପଟୁ ଏହା ଗୋଲିଆ ହୋଇଥିବାବେଳେ ଏହାର ଗୋଟିଏ ପାଖ କୌଣସି ୫ ମିଟର ଚଉଡ଼ା ବିଶିଷ୍ଟ ପଥର ଖଣ୍ଡଟି ମାତ୍ର ୪ ଫୁଟ ସ୍ଥାନକୁ ଆଧାରି ଅଦ୍ଭୁତ ନୁହେଁ କି !

ଆମେ ସମସ୍ତେ ଜାଣୁ ଯେ, ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସମସ୍ତ ବସ୍ତୁକୁ ନିଜ କେନ୍ଦ୍ର ସ୍ଥାନକୁ ଟାଣିଥାଏ । ପୁନଶ୍ଚ ସବୁ ବସ୍ତୁ ମଧ୍ୟରେ ବି ପରସ୍ପର ଆଡକୁ ଟାଣିବାର ଶକ୍ତି କାମ କରୁଥାଏ । ମାତ୍ର ୨୫୦ଟନ ଓଜନର ମହାବଳିପୁରମ୍‌ର ଏହି ମୁଗୁନି ପଥରଟି ୧୨ଶହ ବର୍ଷ ଧରି କାହିଁକି ତଳକୁ ଖସି ଆସୁନାହିଁ ! ଏସବୁ ବର୍ଷ ମଧ୍ୟରେ କେତେ ଭୂମିକମ୍ପ, ସୁନାମୀ, ଝଡ଼ବାତ୍ୟା ଏହି ବାଟ ଦେଇ ଅତିକ୍ରମ କରିଯାଇଛି, ମାତ୍ର ପଥରଖଣ୍ଡଟିକୁ ସାମାନ୍ୟ ହଲାଇବାକୁ ସକ୍ଷମ ହୋଇନାହାନ୍ତି । ତାମିଲ ଭାଷାରେ ଏହି ପଥରଟିକୁ କୁହାଯାଏ ଭାନିରାଇ କାଲ୍' ଅର୍ଥାତ୍ 'ଆକାଶ ଦେବତାଙ୍କ ପଥର' । ଏହାକୁ ମଧ୍ୟ କୁହାଯାଏ କୃଷ୍ଣଙ୍କ ଲହୁଣୀପେଣ୍ଡୁ । କ୍ରିଷ୍ଣାସ୍ ବଟରବଲ୍ । ଏହା ଆକାଶରୁ ଖସି ପଡ଼ିଥିବା ବିଶ୍ୱାସ କରାଯାଏ ।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୦୮ ମସିହାରେ ତତ୍‌କାଳୀନ ମାଡ୍ରାସ ଗଭର୍ଣ୍ଣର ଆର୍ଥର ଲଲେକ ଏକଦା ମହାବଳିପୁରମ୍‌ବାସୀଙ୍କ ଜୀବନ ପ୍ରତି ପଥରଟି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ୭ଟି ହାତୀ ଲଗାଇ ଏହାକୁ ଘୁଞ୍ଚାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଇଞ୍ଚେ ବି ହାତୀମାନେ ଘୁଞ୍ଚାଇବାକୁ ସକ୍ଷମ ହୋଇନଥିଲେ ।

ଚାଇନା ରାଷ୍ଟ୍ରପତି ଜି ଜିଙ୍‌ପିଙ୍ଗ୍ ଗତବର୍ଷ ଅକ୍ଟୋବର ମାସରେ ଭାରତ ଗସ୍ତରେ ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅନୌପଚାରିକ ଭାବେ ଏହି ପଥର ଦେଖାଇବାକୁ ଡାକି ଆଣିଥିଲେ । ମହାବଳିପୁରମ୍‌ର ଅଦ୍ଭୁତ ମୁଗୁନି ପଥର ଖଣ୍ଡଟି ବିଶ୍ୱ ଐତିହ୍ୟଭାବେ ମାନ୍ୟତା ପାଇବାର ଗୌରବ ଅର୍ଜନ କରିଛି ।



ଚକୋଲେଟ୍ ବ୍ରେଡ୍

ଏହା ପିଲାମାନଙ୍କର ଏକ ପ୍ରିୟ ସ୍ନାକ୍ସ ।
ଆବଶ୍ୟକ ସାମଗ୍ରୀ : ୧ ପ୍ୟାକେଟ ପାଉଁରୁଟି, ଡେରୀମିଲ୍କ ଚକୋଲେଟ ୨ଟି, ବଟର କିମ୍ବା ରିଫାଇନ୍ ତେଲ, କିଛି ଚକୋଲେଟ୍ ସସ୍ ।
ପ୍ରସ୍ତୁତି : ୬ରୁ ଆଠପଟ ପାଉଁରୁଟି ନେଇ ଏହାକୁ ଗ୍ଲାସ୍ କିମ୍ବା କଟରରେ ଗୋଲ୍‌ଗୋଲ୍ କାଟି ଦିଅନ୍ତୁ । ଡେରୀ ମିଲ୍କ ଚକୋଲେଟ ଭାଙ୍ଗି ୨/୪ ଖଣ୍ଡ ଗୋଟିଏ ପାଉଁରୁଟି ଉପରେ ରଖି ତା' ଉପରେ ଆଉ ଏକ ପାଉଁରୁଟି ରଖିବେ । ପାଣି ଲଗାଇ ଦୁଇ ପାଉଁରୁଟିର କଡ଼ ଭଲଭାବେ ବନ୍ଦ କରିଦିଅନ୍ତୁ । ଏକ ପ୍ୟାନ୍ ଚୁଲିରେ ବସାଇ ଏଥିରେ ବଟର କିମ୍ବା ତେଲ ଅଳ୍ପ ଦେବା ପରେ ଏହି ଯୋଡ଼ା ପାଉଁରୁଟି ରଖି ଦୁଇପଟ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ସେକିବେ । ଏହା ପରେ ପ୍ଲେଟ୍‌ରେ ବାହାର କରି ସେଥିରେ ଅଳ୍ପ ଚକୋଲେଟ୍ ସସ୍ ପକାଇ ପରଷି ଦିଅନ୍ତୁ ।

ଖରାମହୌଷଧି

ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଖାଦ୍ୟପେୟ, ତ୍ରୁଟିପୂର୍ଣ୍ଣ ଦିନଚର୍ଯ୍ୟା, ବିଷାଦ ଯୋଗୁ ବିଭିନ୍ନ ରୋଗ ଆକ୍ରାନ୍ତ କରୁଛି । ଏହା ମଧ୍ୟରେ ମେଦବହୁଳତା, ମଧୁମେହ, ହାଇପରଟେନ୍‌ସନ୍ ଏବଂ କେଶ ସମସ୍ୟା ପ୍ରମୁଖ । ଏସବୁରୁ ମୁକୁଳିବା ଲାଗି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି । ତେବେ ମେଦବହୁଳତା ଏବଂ ହାଇପରଟେନ୍‌ସନ୍ ଅନ୍ୟ ଏକାଧିକ ରୋଗର କାରଣ ହେଉଥିବା ବେଳେ ଏଥିରୁ ସୁରକ୍ଷିତ ରହିବା କଷ୍ଟକର ହୋଇପଡ଼ିଛି । ଏକ ନୂତନ ଗବେଷଣାରୁ ଜଣାଯାଇଛି ଯେ ସୂର୍ଯ୍ୟକିରଣ ଏଥିପାଇଁ ଉପକାରୀ । ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଏନ୍‌ଭିରନମେଣ୍ଟାଲ ରିସର୍ଚ୍ଚର ଏକ ରିପୋର୍ଟରୁ ଏହା ପ୍ରକାଶ । ସକାଳ ଖରା ଭିଟାମିନ୍-ଡି'ର ପ୍ରମୁଖ ଉତ୍ସ ହୋଇଥିବାରୁ ଏହା ଶରୀର ପାଇଁ ଉପକାରୀ ବୋଲି ଜଣାଥିଲା । ତେବେ କଅଁଳ ଖରା ଓଜନ ବୃଦ୍ଧି ଓ ହାଇପରଟେନ୍‌ସନ୍‌ରୁ ସୁରକ୍ଷା ପାଇଁ ଉପକାରୀ ହୋଇପାରେ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବାଘ ଛୁଆଙ୍କ ସହ ସନ୍ତରଣ

ଫ୍ଲୋରିଡାର ଡେଡ୍ କଣ୍ଟ୍ରିରେର ଥିବା ଏକ ଚିଡ଼ିଆଖାନାରେ ବାଘ ଛୁଆଙ୍କ ସହ ସନ୍ତରଣ କରିବା ପାଇଁ ମଣିଷଙ୍କୁ ସୁଯୋଗ ଦିଆଯାଉଛି । ଅନେକ ଏଥି ପ୍ରତି ଆଗ୍ରହୀ ହେଉଛନ୍ତି । ଚିଡ଼ିଆଖାନା କର୍ତ୍ତୃପକ୍ଷ ଅଧିକ ପାଣ୍ଠି ନିମନ୍ତେ ଏହା କରୁଛନ୍ତି । ଏକ ସନ୍ତରଣ କୁଣ୍ଡରେ ବାଘ ଛୁଆଙ୍କ ସହ ଅଧ ଘଣ୍ଟା ପହଁରିବା ପାଇଁ ଦେବାକୁ ପଡୁଛି ୨୦୦ ଡଲାର୍ । ମଣିଷଙ୍କୁ ପାଖରେ ଦେଖି, ବାଘ ଛୁଆଗୁଡ଼ିକ ଭୟଭୀତ ହେଉଥିବା ଦେଖାଯାଉଛି । ଏହା ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା । ପ୍ରାଣୀ ସରୁକ୍ଷା କ୍ଷେତ୍ରରେ କାର୍ଯ୍ୟରତ 'ପେଟା' ସଂଗଠନ ଏହାକୁ ବନ୍ଦ କରିବା ପାଇଁ ଦାବି କରୁଛି ।

ସ୍ୱାସ୍ଥ୍ୟ ଟିପ୍ସ

ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମ୍‌ରେ ୪୫ ମିନିଟ୍ ଭାରଯୁକ୍ତ ବ୍ୟାୟାମ କରନ୍ତୁ । ଆଉ ତିନି ଦିନ କାର୍ଡିଓ ବ୍ୟାୟାମ । ୩୦-୪୦ ମିନିଟ୍ ସାଇକେଲିଂ, ଦୌଡ଼, ସନ୍ତରଣ ଟ୍ରେଡ୍ ମିଲ୍‌ରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ହାଲିଆ ଲାଗିବା ପର୍ଯ୍ୟନ୍ତ ଏସବୁ ବ୍ୟାୟାମ କରନ୍ତୁ । ବିଶ୍ରାମ ନେଇ ପୁଣି କରନ୍ତୁ । ଏହା ସହ ବ୍ୟାଡ୍‌ମିଣ୍ଟନ୍, ଟେନିସ୍, ଫୁଟବଲ୍, ବାସ୍କେଟବଲ୍, ରଗ୍‌ବି, ସ୍କ୍ୱାସ୍, ହ୍ୟାଣ୍ଡ୍‌ବଲ୍ ଖେଳିପାରନ୍ତି । କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି । ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତି । ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । ଶ୍ୱେତସାରଯୁକ୍ତ ଖାଦ୍ୟ ସର୍ବଦା ଶେଷରେ ଖାଆନ୍ତୁ । ପ୍ରତି ଦିନ ସୋୟାବିନ୍, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ । ଚାଉଳ, ଗହମ, ବିରି, ଦୁଗ୍ଧ, ମିଠା ଯଥା ସମ୍ଭବ କମ୍ ଖାଆନ୍ତୁ । ବାହାର ଖାଦ୍ୟ ନ ଖାଇବା ଭଲ । ପ୍ରତିଦିନ ଜିଙ୍କ୍, କ୍ରୋମିଅମ୍, ଭିଟାମିନ୍ ବି ଏବଂ ସି ଖାଆନ୍ତୁ । ୧୦ ଗ୍ରାମ୍ ଲେଖାଏଁ ଡାଲଚିନି ଓ ମେଥି ଗୁଣ୍ଡ ଏକ ଲିଟର୍ ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇ ଢ଼ୋକ ପିଅନ୍ତୁ । ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନ୍‌ଜାଇମ୍, ଗ୍ରେପ୍‌ସିଡ୍ ଏକ୍‌ସଟ୍ରାକ୍ଟ, ପାଇନାପୁଲ୍ ଏକ୍‌ସଟ୍ରାକ୍ଟ, ଜାମୁକୋଳି, ଧନିଆ ପତ୍ର ମଧ୍ୟ ପ୍ରତି ଦିନ ଖାଇବା ଭଲ ।



ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା



ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?
ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିକାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ୍ୟ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

ମାନସିକ ଚାପର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ :
ମାନସିକ ଚାପ ଯୋଗୁ ନାନା ପ୍ରକାରର ଲକ୍ଷଣମାନ ଦେଖାଯାଇଥାଏ । ଏଥିଯୋଗୁଁ ମନ ଅସ୍ଥିର, ବ୍ୟସ୍ତ ଓ ବିଚଳିତ ରହେ, ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଲାଗେ, ସଠିକ୍ ଭାବରେ କୌଣସି ନିଷ୍ପତ୍ତି ନେଇ ହୁଏ ନାହିଁ । ଏବଂ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ମାନସିକ ଚାପ ଯୋଗୁ ଦେହ ହାତ ଥରିବା, ପାଟି ଶୁଖିଯିବା, ଛାତି ଜୋରରେ ଧଡ଼ ଧଡ଼ ହେବା, ଅତ୍ୟଧିକ ଝାଳ ବୋହିବା, ମୁଣ୍ଡ ବୁଲାଇବା, ଅଣନିଃଶ୍ୱାସୀ ଲାଗିବା ଓ ବାରମ୍ବାର ପରିସ୍ରା ଲାଗିବା ଆଦି ଲକ୍ଷଣମାନ ଦେଖାଯାଇଥାଏ । ଏହି ସମୟରେ ଅଳ୍ପ କାମ କଲା ପରେ ଥକ୍କା ଲାଗିଥାଏ ଏବଂ କାମରେ ଏକାଗ୍ରତା କମିଯାଏ । ନିଜର କାର୍ଯ୍ୟଦକ୍ଷତା ଧୀରେ ଧୀରେ ହ୍ରାସ ପାଏ । ଏହି ସମୟରେ ଭୋଗ ଓ ନିଦ କମିଯାଏ । ସକାଳୁ ଉଠିଲେ ସତେଜ ଲାଗେ ନାହିଁ । ଅଧିକ ଦିନ ପର୍ଯ୍ୟନ୍ତ ମାନସିକ ଚାପ ଲାଗି ରହିଲେ ନାନା ପ୍ରକାରର ମାନସିକ ସମସ୍ୟା ଯଥା ଅବସାଦ ରୋଗ (ଡିପ୍ରେସନ), ଉଦ୍‌ବେଗ ରୋଗ (ଆଙ୍ଗଜାଇଟି), ଛାନିଆ ରୋଗ (ପ୍ୟାନିକ ରୋଗ), ଉନ୍ମାଦ ରୋଗ (ବାଇପୋଲାର ରୋଗ), ସାଇକୋସିସ୍ ଆଦଦି ଆରମ୍ଭ ହୋଇପାରେ । ଏହା ଛଡା ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଯଥା ଉଚ୍ଚ ରକ୍ତଚାପ, ହୃଦରୋଗ, ମୁଣ୍ଡବିନ୍ଧା, ହଜମ ଶକ୍ତି ହ୍ରାସ ପାଇବା, ତ୍ରୁଟି ଝଡ଼ିବା ଓ ଯୌନ ସମସ୍ୟା ଆଦି ଆରମ୍ଭ ହୋଇପାରେ । ଯେଉଁ ଡାଇବେଟିସ ରୋଗୀମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି, ସେମାନଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିବା କଷ୍ଟକର ହୋଇଥାଏ । କେତେକ ଲୋକଙ୍କଠାରେ ମାନସିକ ଚାପ ଦୀର୍ଘଦିନ ଧରି ଲାଗି ରହିଲେ ଓଜନ ବଢ଼ିଥାଏ ଓ ମେଦବହୁଳତା ଦେଖାଯିବାର ସମ୍ଭାବନା ମଧ୍ୟ ଥାଏ । କିଛି ଲୋକଙ୍କଠାରେ ଧୀରେ ଧୀରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ ଓ ବିଭିନ୍ନ ପ୍ରକାରର ସଂକ୍ରମଣ ବାରମ୍ବାର ଦେଖାଯାଇଥାଏ । କେତେକ ବ୍ୟକ୍ତି ମାନସିକ ଚାପରୁ ନିଜକୁ ଦୂରେଇ ରଖିବା ପାଇଁ ମଦ, ଗଞ୍ଜେଇ ଓ ସିଗାରେଟ୍ ଆଦି ନିଶାସେବନ ଆରମ୍ଭ କରି ଦିଅନ୍ତି । ଯାହା ଦ୍ୱାରା ମାନସିକ ଚାପ ଓଲଟା ଆହୁରି ବଢ଼ିଯାଏ । ବେଳେ ବେଳେ କେତେକ ବ୍ୟକ୍ତି ମାନସିକ ଚାପର ମୁକାବିଲା କରି ନପାରି ଆତ୍ମହତ୍ୟା ମଧ୍ୟ କରିଥାନ୍ତି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୧ସେପ୍ଟେମ୍ବର ୨୦୨୦, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବଦଳିବା ଦରକାର...

ଓଡ଼ିଶା ହେଉ ଅଥବା ଭାରତ ବା ବୃହତ୍ତର ବିଶ୍ୱ କରୋନା ଜନିତ ମୃତ୍ୟୁ ଆଉ ଶୋକାବହ କିମ୍ବା ଦୁଃଖଦ ଘଟଣା ହୋଇ ରହିନାହିଁ । ମହାମାରୀରେ ଆକ୍ରାନ୍ତ ହୋଇ ଦୈନିକ ହଜାର ହଜାର ଲୋକ ପ୍ରାଣ ହରାଉଥିବାରୁ ଏବେ ମୃତ୍ୟୁ ସଂଖ୍ୟା ମାମୁଲି ପରିସଂଖ୍ୟାନ ବା ଷ୍ଟାଟିଷ୍ଟିକ୍ସରେ ପରିଣତ ହୋଇଛି । ପ୍ରତିଦିନ ଲୋକଙ୍କ ପାଇଁ ବଡ଼ ଖବର ହେଲା ଆଜି କେତେ ମଲେ ଓ କେତେ ପଜିଟିଭ ବାହାରିଲେ । ଏହି ହିସାବ ଭିତରେ କେତେ ଆକ୍ରାନ୍ତ ରୋଗମୁକ୍ତ ହେଲେ ତାହା ବିଶେଷ ଗୁରୁତ୍ୱ ରଖୁନାହିଁ । ଇତିମଧ୍ୟରେ ଭାରତରେ କୋଭିଡ-୧୯ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଲକ୍ଷ ଅତିକ୍ରମ କରିଛି ଓ ଏଥିରେ ମୃତକ ସଂଖ୍ୟା ୮୨ ହଜାର ଡେଇଁଛି । ମାତ୍ର ୨୧ ଦିନରେ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ରୁ ୨୦ ଲକ୍ଷ ବା ଦ୍ୱିଗୁଣିତ ହୋଇଥିବା ବେଳେ ଆଉ ୧୬ ଦିନରେ ୩୦ ଲକ୍ଷ ଟିପିଥିବଲା । ସେହିଭଳି ଆକ୍ରାନ୍ତଙ୍କ ସଂଖ୍ୟା ୪୦ ଲକ୍ଷରେ ପହଞ୍ଚିବା ପାଇଁ ମାତ ୧୩ ଦିନ ଲାଗିଥିବାବେଳେ ପରବର୍ତ୍ତୀ ୧୧ ଦିନରେ ଏହା ୫୦ ଲକ୍ଷ ଟିପିଛି । ଏସବୁ କେବଳ ପରିସଂଖ୍ୟାନ । ଏହା ବାହାରେ କରୋନା ସ୍ଥିତିର ହିସାବ କିଏ ରଖୁଛି ? ସରକାରଙ୍କର ସରଳ ଉତ୍ତର ଅଧିକ ପରୀକ୍ଷା ହେଉଥିବାରୁ ରୋଗୀଙ୍କ ସଂଖ୍ୟା ଅଧିକ ହେଉଛି ଏବଂ ମୃତ୍ୟୁହାର ବିଶ୍ୱ ତୁଳନାରେ ସର୍ବନିମ୍ନ ଥିବାବେଳେ ଆରୋଗ୍ୟଲାଭ କରୁଥିବା ଲୋକଙ୍କ ସଂଖ୍ୟା ଆନୁପାତିକ ଭାବେ ବେଶ୍ ଅଧିକ । ଆହୁରି କୁହାଯାଉଛି ଯେ ଭାରତରେ ଯେଉଁ କରୋନା ଭୂତାଣୁ ସଂକ୍ରମଣ ଚାଲିଛି ତାହା ଅତି ମାରାତ୍ମକ ଧରଣର ନୁହେଁ । ଚିକିତ୍ସାରେ ଅଧିକରୁ ଅଧିକ ରୋଗୀ ଭଲ ହେଉଛନ୍ତି । ସେହିଭଳି ଓଡ଼ିଶାରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୬୩ ହଜାରରୁ ଅଧିକ ହୋଇଛି । ଏଥିରୁ ମୃତକଙ୍କ ସଂଖ୍ୟା ୬୫୬ରେ ପହଞ୍ଚିଛି । ଭାରତ ଭଳି ଓଡ଼ିଶାରେ ଏହି ବ୍ୟାଧିର ଧାରା ସରକାରୀ ଭାବେ ଏକା ପ୍ରକାରର । ତେବେ ଏହା ଭିତରେ ଅଧିକ କରୋନା ରୋଗୀ ଚିହ୍ନଟ ହେବା ପରେ ଓଡ଼ିଶା ଭାରତରେ ଅଷ୍ଟମ ଅଧିକ ସଂକ୍ରମିତ ରାଜ୍ୟ ତାଲିକାରେ ସ୍ଥାନ ପାଇଛି । ଏବେ ରାଜ୍ୟରେ, ବିଶେଷକରି କଟକ ଓ ଭୁବନେଶ୍ୱର ଭଳି ସହରାଞ୍ଚଳରେ ଯାହାକୁ ପରୀକ୍ଷା କଲେ ତା' ଶରୀର ସଂକ୍ରମିତ ହୋଇଥିବା ରିପୋର୍ଟ ଆସୁଛି । ବିନା ଲକ୍ଷଣରେ ଅନେକ କରୋନା ଆକ୍ରାନ୍ତ ହେଉଥିବାବେଳେ ସାହିବସ୍ତିରେ ସଂଖ୍ୟା ବିପଜ୍ଜନକ ଭାବେ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ସମୀକ୍ଷା ବୈଠକରେ କଟକ ଓ ଭୁବନେଶ୍ୱରର ସଂକ୍ରମଣ ବୃଦ୍ଧି ଘେନି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ଯମଜ ନଗରୀରେ କୋଭିଡ ନିୟମ ଠିକ୍ ଭାବେ ପାଳନ ହେଉନଥିବା ସେ କହିଛନ୍ତି । କଟକ ଭୁବନେଶ୍ୱର ଏକକ ପୁଲିସ କମିସନରେଟ୍ ବ୍ୟବସ୍ଥା ମଧ୍ୟରେ ରହିଛି । ଏହା ସତ୍ତ୍ୱେ ଏହି ନଗରୀର କରୋନା କଟକଣା ବ୍ୟବସ୍ଥାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ଟାସ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୋଧହୁଏ କମିସନରଙ୍କ ସାମର୍ଥ୍ୟ ଉପରେ ତାଙ୍କର ଭରସା ପାଉନାହିଁ । ଗତ ଦୁଇ ସପ୍ତାହ ମଧ୍ୟରେ ୫୦ ହଜାର ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପଛରେ କେବଳ ଅଧିକ ଟେଷ୍ଟ ନୁହେଁ, ସଂକ୍ରମଣ ବୃଦ୍ଧି ମଧ୍ୟ ଏକ ପ୍ରମୁଖ କାରଣ । କଟକ-ଭୁବନେଶ୍ୱର ସମେତ କେତେକ ଅଞ୍ଚଳରେ ଠିକ୍‌ଭାବେ କୋଭିଡ୍ ନିୟନ୍ତ୍ରଣ ନିୟମ ପାଳନ ହେଉନଥିବା କଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲା । ସେହି ତଥ୍ୟ ଅନୁସାରେ ଗତ ଏକମାସ ମଧ୍ୟରେ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ବଢ଼ିଛି । ସେଥିମଧ୍ୟରୁ କଟକ ଓ ଭୁବନେଶ୍ୱରରେ ଅଧିକ ସଂକ୍ରମିତ ହୋଇଛନ୍ତି । ଏବେ ସମଗ୍ର ପୂର୍ବାଞ୍ଚଳରେ ଓଡ଼ିଶା ସବୁଠୁ ଅଧିକ କରୋନା ସଂକ୍ରମିତ ଏବଂ ଦେଶରେ ଅଷ୍ଟମ ସର୍ବାଧିକ ରାଜ୍ୟ ହୋଇଛି । ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସ୍ୱାଭାବିକ । ଏଥିପାଇଁ କେବଳ ପୁଲିସ କମିସନରଙ୍କୁ ଦୋଷ ଦେଲେ ଚଳିବ ନାହିଁ । କଟକ-ଭୁବନେଶ୍ୱର ଓଡ଼ିଶାର ସର୍ବାଧିକ ଜନବହୁଳ ସହରାଞ୍ଚଳ । ଏହା ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ନ୍ୟାୟ, ପ୍ରଶାସନ ଓ ଅନ୍ୟାନ୍ୟ ବ୍ୟବସ୍ଥାର ପ୍ରାଣକେନ୍ଦ୍ର । ଯାବତୀୟ କାମ ପାଇଁ ଲୋକେ ଏହି ଦୁଇ ସହରକୁ ଆସିଥାନ୍ତି । ସାରା ରାଜ୍ୟ ଓ ଦେଶର ପ୍ରାୟ ସବୁ କ୍ଷେତ୍ର ଏବେ କରୋନା କଟକଣା ମୁକ୍ତ ହୋଇଥିବାରୁ ଏଠାକୁ ଅଧିକ ଲୋକ ଆସୁଛନ୍ତି । ଏଭଳି ସ୍ଥିତିରେ ପୁଲିସ ଲୋକଙ୍କୁ କେତେ ଗୋଡ଼େ ଗୋଡ଼େ ଜଗିବ ଏବଂ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ପାଳନ କରିବାକୁ ବାଧ୍ୟ କରିବ ? ଏହା ଅସମ୍ଭବ । ଆହୁରି ମଧ୍ୟ ସାମଗ୍ରିକ କୋଭିଡ୍ ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ, ନୂଆ ରଣନୀତି ଆପଣାଇବାକୁ ହେବ । ତା' ନହେଲେ ପରିସ୍ଥିତି ଅଧିକ ଗୁରୁତର ହୋଇପାରେ ।

"ପ୍ରିୟସୀ"...

ସିଦ୍ଧେଶ୍ୱର ତ୍ରିପାଠୀ

କେଉଁଠି ତୁଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର
ଯେବେ ଚାହିଁଦେଲୁ କଥାତୁ କହିଲୁ
ପ୍ରେମ ଝରେ ଝରଝର ।

ଯେବେଠୁ ପାଇଲି ତୋଓରି ଠିକଣା
ତୋ ପାଖେ ହଜିଲା ମନ
ଗୋଟିଏ ମୁହୂର୍ତ୍ତ ରହି ପାରେ ନାହିଁ
ଖୋଜେ ତୋତେ ରାତିଦିନ ।

ପ୍ରେମର ପ୍ରତୀକ ଭାବଠୁ ଅଧିକ
ସୁଖର ତୁ ଅବତାର
କେଉଁଠି ତୁ ଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର ।

ଜହ୍ନ ଉଇଁ ଯେବେ ଜୋଛନା ଢାଳଇ
ପୀରତି ମହୁତୁ ଢାଳୁ
ସେତିକି ସେତିକି ମନେ ଶୀତଳତା
କାମନାରେ ଯେବେ ଜାଳୁ ।

ତୋ ପାଦଚିହ୍ନ ପଡିଲା ପରଠୁ
ହସେମୋ ଅଗଣା ଘର
କେଉଁଠି ତୁ ଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର ।

+ କୁଣ୍ଡିଲୋ, ଖୋର୍ଦ୍ଧା

କରୋନା : ଏକ ବିହଙ୍ଗାବଲୋକନ

ଶରତ କୁମାର ଦାସ

ଚାରିଆଡେ କରୋନାର କରାଳ ଛାଇ ମଣିଷର ସର୍ବାଙ୍ଗକୁ ଏପରି ଢାଙ୍କି ଦେଛି ଯେ ଆମେ ଯେତେ ଚେଷ୍ଟା କଲେ ବି ଏଥିରୁ ମୁକୁଳିବା ଆଦୌ ସହଜ ନୁହେଁ। ସମଗ୍ର ପୃଥିବୀ ଭୀତତ୍ରସ୍ତ। ପ୍ରତିଟି ମଣିଷ ମୁହଁରୁ ହସ ଲିଭିଯାଇଛି। ଜୀବନ ଅସ୍ତବ୍ୟସ୍ତ, ପୁଣି ବିପର୍ଯ୍ୟସ୍ତ। ମଣିଷର ଅନେକ ପ୍ରଥା, ପରମ୍ପରା, ଅଭ୍ୟାସ ତଥା ଚଳଣିରେ ଆସିଛି ବ୍ୟାପକ ପରିବର୍ତ୍ତନ। ମନେହୁଏ ଅନେକାଂଶରେ ଆମର ଜୀବନ ଯେମିତି ବଦଳି ଯାଇଛି। ଆମେ ଫେରିଯାଇଛୁ ଅନେକ ବର୍ଷ ତଳକୁ। ସକଳ ସମସ୍ୟା ଭିତରେ ଆମେ ବଂଚିବାର କଳା ଶିଖିଛୁ। ସତ କହିବାକୁଗଲେ ଜୀବନକୁ ଯାହା ଯେମିତି ଚଳେଇ ନେବାର କୌଶଳ ଆମେ ଏକପ୍ରକାର ଆପଣେଇ ନେଇଛୁ। ସବୁବେଳେ ଯେ ଜହ୍ନ ରାତି ଥିବ ତାହାର କୌଣସି ନିର୍ଦ୍ଧିଷ୍ଟତା ନାହିଁ। ଦିନେ ନା ଦିନେ ଅନ୍ଧାର ଆସିବ ଓ ଆମକୁ ସେହି ଘନ ଅନ୍ଧାର ଭିତରେ ଗୁରୁଣ୍ଡି ଗୁରୁଣ୍ଡି ବାଟ ଚାଲିବାକୁ ପଡିବ ସତେ ଯେପରି ମହାମାରୀ ଆମ କାନେ କାନେ କହି ଦେଉଛି। ଦୀର୍ଘ ଛଅ ମାସ ହେଲା ସମଗ୍ର ପୃଥିବୀ ବିନା ଅସ୍ତ୍ରରେ ତୃତୀୟ ବିଶ୍ୱଯୁଦ୍ଧ ଲଢୁଛି କରୋନା ଭୂତାଣୁ ବିରୋଧରେ। ଆମ ଦେଶ ବି ବାଦ୍ ପଡିନି। କେଉଁଠି କଣ୍ଟେଣ୍ଟମେଣ୍ଟ ଜୋନ ତ ଆଉ କେଉଁଠି ରେଡ୍, ଗ୍ରୀନ୍ ଅବା ଅରେଂଜ ଜୋନ ଇତ୍ୟାଦି ଭିନ୍ନ ଭିନ୍ନ ତରିକା ମାଧ୍ୟମରେ। ଅଅନ୍ୟ କେଉଁଠି ସଙ୍ଗରୋଧ କେନ୍ଦ୍ର ତ ଆଉ କେଉଁଠି କୋଭିଡ ହସ୍ପିଟାଲ ପ୍ରତିଷ୍ଠା ଇତ୍ୟାଦି ଇତ୍ୟାଦି। ମାତ୍ର ଯୁଦ୍ଧ ଚାଲିଛି। ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ, ପୋଲିସ, ଶିକ୍ଷକ, ପ୍ରଶାସନିକ କର୍ମଚାରୀ, ସଫେଇ କର୍ମଚାରୀ, ଲୋକ ପ୍ରତିନିଧି ଓ ଆହୁରୀ ଅନେକ କରୋନା ଯୋଦ୍ଧା ଆମକୁ ବଂଚେଇବାକୁ ଯାଇ ନିଜ ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି ଯେପରି। ଯୁଦ୍ଧ ଜିତିବାର ସକଳ ଚେଷ୍ଟା ଚାଲିଛି ସମଗ୍ର ବିଶ୍ୱରେ। ବୁଦ୍ଧି ବିଦ୍ୟା ସହ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଚିନ୍ତାଧାରା ଦ୍ୱାରା ଲଢେଇଚାଲିଛି। ଅହିଂସା ବଳରେ ଅନ୍ୟ ଏକ ବିଶ୍ୱ ସ୍ୱାଧୀନତା ସଂଗ୍ରାମ କହିଲେ ଅତ୍ୟୁକ୍ତି ହେବନାହିଁ। ଏ ଯୁଦ୍ଧର ପରିସମାପ୍ତି ଯେ କେବେ ଏହା ସଂପୂର୍ଣ୍ଣ ଅନିଶ୍ଚିତ। ମାତ୍ର ଆମେ ସମସ୍ତେ ଆଶାବଦୀ ଯେ ଏ ଯୁଦ୍ଧରେ ସମଗ୍ର ମଣିଷ ସମାଜର ଦିନେ ନା ଦିନେ ଜୟ ଘଟିବ। ପୁଣି ଖୁସି ଫେରିବ। ଜୀବନ ସହଜ ହେବ ଓ ଚଳ ଚଂଚଳ ହେବ ନିଶ୍ଚୟ। ବର୍ତ୍ତମାନ ଆମ ଦେଶ ଭାରତ ବିଷୟରେ ଆଲୋଚନା କରାଯାଉ। ଆମେରିକା, ଇଂଲଣ୍ଡ, ଜର୍ମାନୀ, ଇଟାଲୀ, ଜାପାନ, ଫ୍ରାନ୍ସ ଭଳି ଆମ ଦେଶ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ଜାରିରଖିଛି। ଅବଶ୍ୟ ଆଧୁନିକ ଜ୍ଞାନ କୌଶଳ ଓ ଆର୍ଥିକ ପ୍ରଗତି ଦୃଷ୍ଟିରୁ ଆମେ ଏତେଟା ବିକଶିତ ନୁହଁ, ତଥାପି ଆମ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଅଦ୍ୟାବଧି ସଫଳତାର ସହ ସଂଗ୍ରାମ କରିଆସୁଛନ୍ତି। ଶହେ ତିରିଶ କୋଟିରୁ ଅଧିକ ଲୋକସଂଖ୍ୟା ଥିବା ଭାରତ ଭଳି ଏକ ବିଶାଳ ଦେଶରେ ଏଭଳି ମହାମାରୀକୁ ପ୍ରତିରୋଧ କରିବା ଆଦୌ ସହଜ ନୁହେଁ। ତଥାପି ଅନ୍ୟ ବିକଶିତ ଦେଶ ତୁଳନାରେ ରୋଗ ମୁକାବିଲା କରିବାର ତରିକା ଓ ସଫଳତା ହାର ଆମ ଦେଶର ଯଥେଷ୍ଟ ଅଧିକ। ଏହା ନିଃସନ୍ଦେହରେ କୁହାଯାଇପାରେ। ଠିକଣା ସମୟରେ ଠିକଣା ପଦକ୍ଷେପ ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକାନ୍ତ ଆନ୍ତରିକତା ସହିତ ବୁଦ୍ଧିମତାର ପ୍ରୟୋଗ ବଳରେ ଆମେ କରୋନା ଜନିତ ମୃତ୍ୟୁହାର ନିଶ୍ଚିତ ଭାବେ କମାଇ ପାରିଛୁ। ଏହା ଆମ ପାଇଁ ଏକ ଗୌରବର ବିଷୟ। ଅବଶ୍ୟ କରୋନା ଆମକୁ ଅନେକ ମହତ୍ କଥା ଶିକ୍ଷା ଦେଇଛି। ଆମେ ଆମ ମହାନ ସଂସ୍କୃତିର ଧାରାକୁ ଫେରିପାଇଛେ। ପାଶ୍ଚାତ୍ୟ ଜୀବନ ଶୈଳୀକୁ ଆମେ ଅନେକାଂଶରେ ବଦଳାଇବାରେ ସକ୍ଷମ ହୋଇପାରିଛେ। ଆମ ଖାଦ୍ୟ ପେୟରେ ପରିବର୍ତ୍ତନ ଆସିଛି। ହାତ ମିଳାଇବା ନିମନ୍ତେ ନମସ୍ତେ ବା ସମସ୍କାରର ଆଦର ବୃଦ୍ଧିପାଇଛି। କେବଳ ଆମ ଦେଶଲ ନୁହେଁ ପାଶ୍ଚାତ୍ୟ ଦେଶଗୁଡିକ ମଧ୍ୟ ଏହି ଭାରତୀୟ ପବିତ୍ର ଧାରାକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ଭଗବତ ବିଶ୍ୱାସ ବୃଦ୍ଧିପାଇଛି। ବେଦ ମନ୍ତ୍ର ପାଠର ଗୁରୁତ୍ୱ ଓ ଏହା ପ୍ରତି ଆଦର ମଧ୍ୟ ପାଇବାରେ ଲାଗିଛି। ପରିବେଶ ପ୍ରଦୂଷଣର ମାତ୍ରା ଆହେତୁକ ଭାବେ ହ୍ରାସ ପାଇଛି। ଫୁଲର ବାସ ମହକୁଛି। ଗଛ ପତ୍ର ସବୁଜ ଦେଖାଯାଉଛି। ନଈ ନାଳର ପାଣି ବ୍ୟବହାର ଉପଯୁକ୍ତ ହୋଇପାରିଛି। ବିଶେଷ କରି ଗଙ୍ଗା ନଦୀ ଅନେକାଂଶରେ ପ୍ରଦୂଷଣ ମୁକ୍ତ ହୋଇ ସ୍ୱଚ୍ଛ ହୋଇପାରିଛି। ଦୀର୍ଘ ଦିନ ଧରି କଳକାରଖାନା ବନ୍ଦ ହେବା ଫଳରେ ଏହା ସମ୍ଭବ ହୋଇପାରିଛି, ଯାହାକି ଦୀର୍ଘ ବର୍ଷ ହେଲା ମଣିଷ ସତ ଚେଷ୍ଟା କରି ମଧ୍ୟ ଏହା କରିପାରୁନଥିଲା। ମଣିଷର ମାନସିକତା ମଧ୍ୟ ପରିବର୍ତ୍ତନ ଆସିଛି। ସମାଜରେ ଆଗଭଳି ଚୋରି ଡକାୟତି ଓ ବଳାତ୍କାର ଇତ୍ୟାଦି ନାହିଁ। ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ସଂକ୍ଷେପରେ କହିବାକୁ ଗଲେ ଆମ ପରିବେଶ ଓ ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ଆସିଛି। ପୁନଶ୍ଚ ପୃଥିବୀ ସବୁଜ ହୋଇପାରିଛି। ମାତ୍ର ଏ ସମସ୍ତ ପରିସ୍ଥିତି ଭିତରେ କରୋନା ଜନ ସମାଜର ବିପୁଳ କ୍ଷତି କରିସାରିଲାଣି। ଅନେକ ଧନ ଜୀବନ ନଷ୍ଟହୋଇସାରିଛି। ଆମେ ଦୀର୍ଘ ଛଅ ମାସ ହେଲା ଲକଡାଉନ୍ ଓ ସଟଡାଉନ୍ ଆଦି ଏକ ଦୁର୍ବିସହ ତଥା କଠିନ ପ୍ରକ୍ରିୟା ମଧ୍ୟରେ ଗୃହବନ୍ଦୀର ଜୀବନ ବିତାଉଥିଲେ। ଅନେକ ଦୁଃଖ କଷ୍ଟ ଭିତରେ ଥିଲେ ଓ ଏବେ ବି ଅଛନ୍ତି। ଅନେକ ମୂଲ୍ୟବାନ ଜୀବନ ଯାଉଛି ଅକାଳରେ ପ୍ରତିଦିନ। ଜୀବିକା ବି ଯାଇଛି ଓ ଯାଉଛି। ଅନେକ ଲୋକ ଦାନା ହରାଇଛନ୍ତି। ଘରେ ପରିବାର ପ୍ରତିପୋଷଣ ନିମନ୍ତେ ସମ୍ବଳ କିଛି ବି ନାହିଁ। ଦୁଇ ବେଳା ଦୁଇମୁଠା ପେଟକୁ ଦେବାକୁ ଦାନା ମୁଠାଏ ନାହିଁ।(କ୍ରମଶଃ)

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୯୧

ହିଂସକ

ଇଂ. ବିଦ୍ୟାଧର ପଣ୍ଡା

(ପୂର୍ବପ୍ରକାଶିତ ଉତ୍ତାରୁ...)

ତୁମଘରେ ପଢ କି ପାଢ, ଯାହା କରୁଛୁ କର। ଏଠିକି ଆଉ ଦିନେ ଯେମିତି ବହି ଧରିକି ନଆସୁ। ବୁଝିଲୁ ତ! ଶଳା ଗୋଟାଏ ନବରଙ୍ଗ ଲଗେଇଛି। ସାତଟାରୁ ବସିଲାଣି ନଅଟା ଯାଏଁ କହୁଛି ପାଠ ହୋଇନି। ମିଟୁ ଆମର ଅଧଘଂଟାଏ ପଢି ସବୁ ପାଠସାରି ଘଂଟାଏହେଲା ଶୋଇ ଝୁଙ୍ଗୁଡି ମାରିଲାଣି, ଯା'ର ଆଉରି ପାଠ ବାକିଅଛି। ଗ୍ୟାହାପ ମୁଣ୍ଡରେ ଖାଲି ଗୋବର। ମୋ'ପୁଅ ପରିକା ବୁଦ୍ଧିଆ ପିଲା ହୋଇଥିଲେ ଆଖି ବୁଲେଇଦେଲେ ମନେ ରହିଥାନ୍ତା। ଏତେ ସମୟ କ'ଣ ଦରକାର? ଘୋଷଡି ଘୋଷାବଳଦ କୋଉଠିକାର। ଫାଟକ ଲାଇଟି ଆଜି ଜଳିବନି। ତୋ'ର ପରୀକ୍ଷା ଥିଲେ ଥାଉ ଆମର କ'ଣ ଭାସିଯାଉଛି। ତୁ ସେ'ଠୁ ହଟିଯା'। ତୁମ ଘରକୁ ଗୁଲିଯା'।' ଏସବୁ ଶୁଣି ବିଦୁମାଆ ଆଖିରୁ ଲୁହ ଗଡିଗଲା। ତାକୁ କହିଲେ ଘରକୁ ଗୁଲିଆସ୍ ମୁଁ ଆଲୁଅର ବାଟ ବତଉଛି। ଘରଗୁଳ ଓରାରୁ ଶୁଖିଲା ବାଉଁଶଟିଏ ଓଲାରି ଜଳେଇଲେ ଯେ ଦୁହୁଡି ଜଳିଲାପରି ପ୍ରଥମରୁ ଶେଷଯାଏ ଦିଙ୍ଗଟା ଉପରେ ଜଳୁଜଳୁ ବିଦୁର ସବୁ ପାଠ ସରିଗଲା।

ହିଂସକ ମଣିଷ ଭାରି ପରଶ୍ରୀକାତର। କାହାର ଶିରୀ ଦେଖିସହି ପାର୍ଁନି। ଏପରିକି ପଡୋଶୀ ଯଦି ନୂଆ କିଛି କାମଧନ୍ଦା ଆରମ୍ଭ କଲା ନାନାପ୍ରକାର ନିନ୍ଦା ଅପବାଦ ମିଛଖଟ କହି ଗରାକ ଭାଙ୍ଗନ୍ତି। ଲକ୍ଷ୍ମୀଧରବାବୁଙ୍କ ପଡୋଶୀ ହେଲେ କାଶୀନାଥ। ଜମି ବେଶୀ ନାହିଁ। ଧାନ ଯାହା ଅମଳ ହୁଏ ଘରଖାଇବା ପାଇଁ ବର୍ଷଯାକ କୁଳାଏନି। ଗାଁ ଛକରେ ମହାଜନଠାରୁ ମାସିକ ପାଂଚ ପ୍ରତିଶତ ସୁଦ୍ଧସୂତ୍ରରେ ଦୁଇହଜାରେ ଟଙ୍କା ଉଧାର ଆଣି ଗ୍ର'ଦୋକାନଟିଏ ଆରମ୍ଭ କଲେ। ଲକ୍ଷ୍ମୀଧରବାବୁ ଦିନେ ସକାଳୁ ସେହି ଗ୍ର'ଦୋକାନକୁ ଯାଇ ଦେଖିଲେ ବହୁତ ଭିଡ। ସକାଳୁ ଗୁଲିବାକୁ ଯାଉଥିବା ମଧୁମେହ ରୋଗିଲୋକ ମାନଙ୍କପାଇଁ କାଶୀ ବିନାଚିନି ଗ୍ର' କରି ଭଲ ଲାଭ କରୁଛି। କିଏ କିଏ ଖାଲି ନାଲି ଗ୍ର' ଡିକାସିନି ଅଧାକପ୍ ପିଇ ମଧ୍ୟ ପାଂଚଟଙ୍କା ବଢେଇ ଦେଉଛନ୍ତି। କାଶୀର ନିଜିଖର୍ଚ୍ଚ ଟଙ୍କାଏ ଭିତରେ ହେବ। ଗ୍ୟାସ୍ ଚୁଲା ସିଲିଣ୍ଡର୍ ତ ଉଜ୍ଜ୍ୱଳା ସ୍କିମ୍‌ରେ କେନ୍ଦ୍ର ସରକାର ମାଗଣା ଦେଇଛନ୍ତି। ପାଣି ତ ଗାଁ ମଝିକୂଅରୁ ଆଣୁଛି। ଗରମ କରି ଟିକିଏ ଗ୍ର ପତି ପକେଇ ଗିଲାସେରେ ଭର୍ତ୍ତି କରି ଦେଲେ ପାଂଚଟଙ୍କା ପାଇଯାଉଛି। ଗ୍ରରିଶହ ପ୍ରତିଶତ ଉପରେ ଲାଭ। ବର୍ଷକରେ ବଡଲୋକ ହୋଇଯିବ। ପୁଅଟା ବି ଭଲ ପଢୁଛି ବୋଲି ଶୁଣିଛନ୍ତି। ସେଦିନଠାରୁ ସବୁଦିନେ ତା' ଗ୍ର'ଦୋକାନରେ ବସି ଗରାକ ଭାଙ୍ଗିବାରେ ଲାଗିଲେ। ଗ୍ର' ପିଇବା ନାଁ ଗନ୍ଧ ନାହିଁ, ଖାଲି କହିବେ ତୋ'ର ଗ୍ର ଫୁଟିଲା ବେଳେ ଗମରିଆ ଗନ୍ଧ ଆସୁଛି। ତୁ ଯେଉଁ ଶସ୍ତା ଗ୍ର'ପତି ଆଣୁଛୁ ଦେଖିବୁ ସେଥିରେ ମୂଷାନେଣ୍ଡି ଥାଇପାରେ। କଟକରେ ମୁଁ ଏମିତି ଗୋଟେ ଦୋକାନୀକୁ କହିବାରୁ ସିଏ ଦେଖିଲା ବେଳକୁ ଅଧକିଲୋ ଗ୍ର ପତିରେ ଶହେଗ୍ରାମ ମୂଷାନେଣ୍ଡି ବାହାରିଲା। ତୋ'କେଟିଲ୍ ଡଙ୍କିଗୁଡା ଭିମ୍‌ସାବୁନ୍‌ରେ ଟିକେ ସଫା କରୁନୁ! ସେଥିରେ ପତିକଷ ଲାଗିଲାଗି ତା'ରଙ୍ଗ ବଦଳିଗଲାଣି। ପରିଷ୍କାର ପରିଚ୍ଛନ୍ନ ରହିଲେ ସିନା ଗରାକଙ୍କୁ ତୋ'ଦୋକାନରେ ଗ୍ର'ଟିକେ ପିଇବାକୁ ଭଲ ପାଇବ। ତୋତେ ମୁଁ ବହୁତଥର ଲକ୍ଷକଲିଣି ତୁ ପରିସ୍ରାକରି ଆସିଲାପରେ ସିଧା ଗ୍ର'ଗ୍ଲାସ ଆଣି ଗରାକଙ୍କୁ ଗ୍ର' ଦେଉଛୁ। ଏ'ଗୁଡା ଜମା ଭଲକଥା ନୁହେଁ। ପରିସ୍ରା କଲାପରେ ହାତଗୋଡ ଭଲରେ ଧୋଇଧାଇ ସ୍ୱଚ୍ଛ ହେବା ଉଚିତ୍। ଏମିତି ଅନେକ ଭାଙ୍ଗୁଣିଆ କଥା କହିକହି ଶେଷରେ ପ୍ରଗ୍ରରକଲେ କାଶୀ ଗ୍ର'ପତି ଗୁଡିକୁ ବାରମ୍ବାର ବ୍ୟବହାର କରୁଛି। ତେଣୁ ତା ଗ୍ର'ଟା ପାଣିଚିଆ ଲାଗୁଛି। କ୍ଷୀରପ୍ୟାକେଟରେ ପାଂଚଗୁଣା ପାଣି ଢାଳୁଛି। ଇତ୍ୟାଦି ଇତ୍ୟାଦି..।

ଶେଷରେ ଲକ୍ଷ୍ମୀଧର ବାବୁ ତା'ଙ୍କ ମିଶନ୍‌ରେ ସଫଳ ହେଲେ ଏବଂ କାଶୀର ଗ୍ର'ଦୋକାନରେ କୁଆ ଉଡିଲେ। କେହି ନଆସିବାରୁ କାଶି ବାଧ୍ୟ ହୋଇ ଗ୍ର'ବଦଳରେ ପରିବା ରଖି ବିକ୍ରିକଲା। ସେଥିରେ ବି ନାନା ପ୍ରକାର କଥା। ଛତରାବଜାର ନାଳରୁ କାଶି ପରିବା ବାଛିକି ଆଣି ଏଠି ଚଢା ଦରରେ ବିକୁଛି। ସବୁଗୁଡା ପଗ୍ର। ମୁଁ କାଲି କିଲେ ବାଇଗଣ ନେଇଥିଲି ଯେ ଅଢେଇଶ ବି ଭଲ କଟାପରିବା ବାହାରିଲାନି। ତା'

ବିଚିତ୍ରା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ସେପ୍ଟେମ୍ବର ୨୧, ୨୦୨୦

ଭବ୍ୟ ସ୍ଥାପତ୍ୟ

ସହର ମଧ୍ୟରେ ଥିବା ଖୋଲା ସ୍ଥାନ, ବଗିଚା, ପ୍ଲାଜା, ପାର୍କ ଆଦିରେ ସମୟ କାଟିଲେ ମନକୁ ଶାନ୍ତି ମିଳିଥାଏ । ଏହି ସ୍ଥାନରେ ଲୋକେ ଏକାଠି ହୁଅନ୍ତି, ଖେଳନ୍ତି ଏବଂ ଏକୁଟିଆ ବସି ବହି ପଢ଼ିବାର ଆନନ୍ଦ ଉଠାନ୍ତି । ହେଲେ ଏମିତି ମଧ୍ୟ କିଛି ପାର୍କ, ପ୍ଲାଜା, ଷ୍ଟ୍ରିଟ୍ ରହିଛି, ଯେଉଁଗୁଡ଼ିକର ସ୍ଥାପତ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ ।

ଗ୍ୟାସ ହୋଲ୍ଡର ପାର୍କ, ଲଣ୍ଡନ:
ଲଣ୍ଡନର କିଙ୍ଗସ୍ କ୍ରସ ସହରରେ ରହିଛି ଏହି ପାର୍କ । ଏହାକୁ ପାଭେଲିଅନ୍ ଡିଜାଇନ୍‌ରେ ତିଆରି କରାଯାଇଛି । ପାଭେଲିଅନ୍‌କୁ ବେଲ

ଫିଲିପ୍ସ ଆର୍କିଟେକ୍ଟସ୍ ଡିଜାଇନ କରିଥିଲେ ଏବଂ ଲ୍ୟାଣ୍ଡସ୍କେପ୍‌କୁ ଡେନ୍ ପିୟର୍ସନ ଡିଜାଇନ୍ କରିଥିଲେ । ଏହା ୨୫୦ ମିଟର ଉଚ୍ଚତା ଏବଂ ୪୦ ମିଟର ଚଉଡ଼ା । ସେ ଏହାର ଗାଇଡ୍ ଫ୍ରେମ୍‌ର ଭିତର ପରିଧିକୁ ଚାରିପାଖର କ୍ୟାନୋପି ସହିତ ପଲିସ୍ କରି ଷ୍ଟିଲ୍‌ର ଖୁଣ୍ଟ ବ୍ୟବହାର କରିଥିଲେ । ଏହାକୁ ସେ ବୃତ୍ତାକାର ରୂପ ଦେଇଥିଲେ । ଲାଇଟିଙ୍ଗ୍ ଡିଜାଇନର ସ୍ପିୟର୍ସ ଆଣ୍ଡ୍ ମେଜର ସୂର୍ଯ୍ୟ ଗ୍ରହଣ ପରି ଲାଇଟିଙ୍ଗ୍ ଡିଜାଇନ୍ କରିଥିଲେ । ତେଣୁ ପ୍ରତ୍ୟେକ ୨୦ ମିନିଟ୍ ପରେ ୨ ମିନିଟ୍ ପାଇଁ ଏହି ସ୍ଥାନ ଅନ୍ଧାର ହୋଇଯାଏ ।

ଦ ହାଇ ଲାଇନ୍, ନ୍ୟୁୟର୍କ:
ନ୍ୟୁୟର୍କ ସେଣ୍ଟ୍ରାଲ ରେଳରୋଡ୍ ଲାଇନ୍ ଯାହାକୁ ୱେଷ୍ଟ ସାଇଡ ଲାଇନ ମଧ୍ୟ କୁହାଯାଏ । ଏହାର ବ୍ରିଜ୍ ସେକ୍ସନ୍ ଖରାପ ହୋଇ ଯାଇଥିଲା । ଏହା ଉପଯୋଗ ନ ହୋଇପାରୁଥିବାରୁ ଅନେକ ବର୍ଷ ପର୍ଯ୍ୟନ୍ତ ସେମିତି ପଡ଼ି ରହିଥିଲା । ହେଲେ ଆର୍କିଟେକ୍ଟ ସ୍ଟୋଫିଡିୟୋ ଏହି ରେଳ ଲାଇନ୍‌କୁ ପାର୍କରେ ପରିବର୍ତ୍ତନ କରିଥିଲେ । ଏଥିରେ ତାଙ୍କୁ ସାହାଯ୍ୟ କରିଥିଲେ ଜେମ୍ସ କର୍ନର । ଏବେ ନ୍ୟୁୟର୍କର ପ୍ରମୁଖ ଆକର୍ଷଣ ମଧ୍ୟରୁ ଦ ହାଇ ଲାଇନ୍ ଗୋଟିଏ । ରେଳ ଲାଇନର କଡ଼ରେ କାଠରୁ ପ୍ରସ୍ତୁତ ବେଞ୍ଚି ତିଆରି ହୋଇଛି, ଯେଉଁଥିରେ ୧୨୦ ପ୍ରଜାତିର ଗଛ ଲଗାଯାଇଛି । ଲାଇନ୍‌ର ଶେଷ ଆଡକୁ ଦ ସ୍ପର ରହିଛି ।

ଏହିଠାରେର ବିଭିନ୍ନ ପ୍ରକାର ସାଂସ୍କୃତିକ ସ୍ମାରକ ଦେଖିବାକୁ ମିଳେ । ଏହି ଭାଗରେ ଲାଇନକୁ ଏକ ବଡ଼ ପ୍ଲାଜାରେ ପରିବର୍ତ୍ତନ କରାଯାଇଛି ।

ସୁପରକିଲେନ୍, କୋପେନହେଗନ୍:
ସୁପରକିଲେନ୍ ପାର୍କ କୋପେନହେଗନ୍ ସିଟି ସେଣ୍ଟରର ଉତ୍ତର ନୋରେବ୍ରୋରେ ଅବସ୍ଥିତ । ଏହି ପାର୍କକୁ କଲର୍ କୋଡ୍‌ରେ ସଜାଯାଇଛି । ଗୋଲାପି, ଲାଲ ଏବଂ ନାରଙ୍ଗୀ ପରି ରଙ୍ଗରେ ସଜାଇଥିବା ଡିଜାଇନ୍ ବିଭିନ୍ନ ଗତିବିଧିର ସଙ୍କେତ ଦେଇଥାଏ । ଏହି ଯୋଜନା କୋପେନହେଗନ୍ ସିଟି ଏବଂ ଆର୍କିଟେକ୍ଟ ପ୍ରୋଜେକ୍ଟକୁ ବଜାର୍କ ଇଂଲିଶ ଗ୍ରୁପ ଲ୍ୟାଣ୍ଡସ୍କେପ୍ ଆର୍କିଟେକ୍ଟ ଟୋପୋଟେକ୍-୧ ଏବଂ କଳାକାର ସମୂହ ସୁପରଫ୍ଲେକ୍ସ ସହ ଡିଜାଇନ କରିଥିଲେ । ଏଥିରେ ମରକ୍ଲୋ ଫାଉଣ୍ଟେନ, ଲସ୍ ଆଞ୍ଜେଲସ୍‌ର ଭେନିସ୍ ବିଚ୍, କତାର ଏବଂ ରୁଷର ନିଅନ୍ ସାଇନ୍ ସାମିଲ ଅଛି । ପ୍ରତ୍ୟେକ ସ୍ଥାପତ୍ୟ ପାଖରେ ସୂଚନା ପ୍ଲେଟ ଲଗାଯାଇଛି, ଯେଉଁଥିରେ ତା'ରର ନାମ ଏବଂ ତିଆରି କାଳ ଲେଖାଯାଏ ।

ମାର୍ସା ପ୍ଲାଜା, ଓମାନ:
ଲଣ୍ଡନର ଆର୍କିଟେକ୍ଟ ଏକ୍‌ମେ ମାର୍ସା ପ୍ଲାଜା ତିଆରି କରିଥିଲେ । ୨୦୧୮ରେ ଏହା ପୂର୍ଣ୍ଣାଙ୍ଗ ରୂପ ପାଇଥିଲା । ଏହା ୫,୦୦୦ ବର୍ଗମିଟର ପର୍ଯ୍ୟନ୍ତ ବିସ୍ତୃତ । ପ୍ଲାଜାର ଦୁଇ ପାର୍ଶ୍ୱରେ ମଧ୍ୟମ ଉଚ୍ଚତାର କାନ୍ଥ ରହିଛି, ଯେଉଁଠାରୁ ମରିନା ଏବଂ ସମୁଦ୍ର ଦେଖିବାକୁ ମିଳିଥାଏ । ଏଠାରେ ଫାଉଣ୍ଟେନ ରହିଛି ଏବଂ କନସର୍ଟ, ମୁଭି ନାଇଟସ୍ ପାଇଁ ଆମ୍ଫିଥିଏଟର ତିଆରି କରାଯାଇଛି । ବିଲ୍ଡିଙ୍ଗ୍‌ର ପଥରରେ ଲ୍ୟାଟିସ୍ ୱାର୍କ ଏବଂ ପ୍ରୋଜେକ୍ଟି କ୍ୟାନୋପି ରହିଛି । ଏହି ପଥରଗୁଡ଼ିକୁ ମରୁଭୂମିର ଗୋଲାପ କୁହାଯାଏ, ଯାହା କ୍ରିମି ଏବଂ ଧୂସର ରଙ୍ଗର ହୋଇଥାଏ ।

କ୍ୟାଟରୀନା ପ୍ୟାରେଡ

ବିଶ୍ୱରେ ଅନେକ ଉତ୍ସବ ପାଳନ କରାଯାଏ । ଭିନ୍ନ ଭିନ୍ନ ଧର୍ମର ଲୋକମାନେ ତାଙ୍କର ଧର୍ମ ଅନୁସାରେ ବିଭିନ୍ନ ପ୍ରକାରର ଉତ୍ସବ ପାଳନ କରିଥାନ୍ତି । ଏହି ସବୁ ଉତ୍ସବ ମାନଙ୍କରେ ସେମାନେ ତାଙ୍କର ଧର୍ମ ଅନୁସାରେ ନୂଆ ପୋଷାକ ପିନ୍ଧିଥାନ୍ତି । କୌଣସି ପ୍ରକାରର ପର୍ବରେ ଲୋକମାନେ ଭୂତ ଓ କଙ୍କାଳର ଡ୍ରେସ ମଧ୍ୟ ପିନ୍ଧୁ ଥିବାର କେହି କେବେ ଶୁଣୁନଥିବେ । ଏପରି ଏକ ପର୍ବ ମେକ୍ସିକୋରେ ପ୍ରତିବର୍ଷ ପାଳନ କରାଯାଏ । ଏହାକୁ ଲୋକମାନେ 'ଡେ ଅଫ ଦି ଡେଡ' ବୋଲି କହନ୍ତି । ଏହି ପର୍ବ ଦୁଇଦିନ ଧରି ପାଳନ କରାଯାଏ । କୁହାଯାଉଛି ଏହି ପର୍ବ ଦୁଇହଜାର ବର୍ଷର ପୁରୁଣା । ସେଠାକାର ଲୋକମାନଙ୍କ ଅନୁସାରେ ସେମାନଙ୍କର ପୂର୍ବଜମାନଙ୍କ ଆତ୍ମା ଗୋଟେ ଦିନ ପାଇଁ ତାଙ୍କ ପରିବାର ସହିତ ରହିବାକୁ ପାଳନ କରାଯାଏ । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଆଜିର ଯୁଗରେ ଲୋକମାନେ ଏପରି କଥାକୁ ବିଶ୍ୱାସ କରୁଛନ୍ତି । କିନ୍ତୁ ପୂର୍ବରୁ ଏହି ପୂର୍ବର ପ୍ରଚଳନ ରହିଥିବାରୁ ତାହାକୁ ଆଜି ମଧ୍ୟ ଲୋକମାନେ ପାଳନ କରୁଛନ୍ତି । ଏହି ଉତ୍ସବରେ ସେ ସହରରେ ଏକ ପ୍ୟାରେଡ ହୁଏ । ଏହା କୌଣସି ସେନା ବା ପୁଲିସଙ୍କର ଏହି ପ୍ୟାରେଡ ନୁହେଁ । ପ୍ୟାରେଡ କଙ୍କାଳ ପରି ବେଶଭୂଷା ପିନ୍ଧୁଥିବାର ଲୋକଙ୍କର । ଏହି ପ୍ୟାରେଡର ନାମ କ୍ୟାଟରୀନା ।

ଘର ଭିତର ପ୍ରଦୂଷଣ କମ୍ କରିବାର ଉପାୟ

ଅନେକଙ୍କ ଧାରଣା ଯେ ଆମେ ଘର କିମ୍ବା କାର୍ଯ୍ୟାଳୟ ଭିତରେ ରହିଲେ, ପ୍ରଦୂଷଣର କୌଣସି ଭୟ ନାହିଁ । ପ୍ରଦୂଷଣକ ବ୍ୟାପିବାର କୌଣସି ନିର୍ଦ୍ଦିଷ୍ଟ ନୀତିନିୟମ ଥିବାବେଳେ ଯେ କୌଣସି ସ୍ଥାନକୁ ଏହା ବ୍ୟାପିଥାଏ । ଘର ଭିତରେ ରହିଲେ ନିଜ ସହ ପରିବାର ଲୋକଙ୍କୁ ସୁରକ୍ଷିତ ରଖିବେ କିପରି ? ଏ ବାବଦରେ ବିଶେଷଜ୍ଞଙ୍କ ମତ ହେଲା, କେତୋଟି ସରଳ ପଦକ୍ଷେପରେ ଆପଣଙ୍କ ଘର ଭିତର ଓ କାର୍ଯ୍ୟଳୟ ମଧ୍ୟ ପ୍ରଦୂଷଣମୁକ୍ତ ରହିପାରିବ ।



- ଫ୍ରିଜ୍, ଏସି, ଟିଭି, ଲ୍ୟାପଟପ୍,ରନ୍ଧନ ଗ୍ୟାସ୍, ରୁମ୍ ଫ୍ରେଶନର୍, ଫୋମ୍ ସୋଫା, ସ୍ମାର୍ଟ ଫୋନ୍, ଡେସ୍କଟପ୍ ଇତ୍ୟାଦି କାରଣରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ସେସବୁ ଆମ ନିଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ଯାଇ କ୍ଷତି ପହଂଚାଇଥାଏ । ଏସବୁ ଜିନିଷର ବ୍ୟବହାର କମ୍ କରିହେବ । କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରିବା କାଠିକର କାମ ଅଟେ । କେବଳ ଘର ବାଲକୋନି କିମ୍ବା ଛାତ ଉପରେ ଗଛ ନ ଲଗାଇ ବରଂ ଘର ଭିତରେ ମଧ୍ୟ କୁଣ୍ଡ ରଖି ଗଛ ଲଗାଇବା ଉଚିତ ।

- ରୁମ୍ ଫ୍ରେଶନର୍ ବ୍ୟବହାର କରିବା ପରିବର୍ତ୍ତେ ତୁଳସୀ, ପୋଦିନା ଗଛ ଘରର କୌଣସି ଏକ କୋଣରେ ରଖିପାରିବେ । ଏସବୁ ଗଛ ପାଇଁ ଅଧିକ ବଡ କୁଣ୍ଡର ଆବଶ୍ୟକତା ମଧ୍ୟ ନାହିଁ ।
- ଘର ଭିତରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଘି-କୁଆଁରୀ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଗଛ ରଖିପାରିବେ । ଏହି ଗଛଗୁଡିକ ଅଙ୍ଗାରକାମ୍ଳକୁ ଶୋଇବା ସହ ଚତୁର୍ଦ୍ଦିଗରେ ପ୍ରଦୂଷଣ କମ୍ କରିଥାଏ ।
- ବିଶେଷଜ୍ଞଙ୍କ ମତରେ ଘର ଭିତରେ ଯଦି ଅଧିକ ସଂଖ୍ୟାରେ ଯନ୍ତ୍ର ଅଛି (ଯେପରି ଫ୍ରିଜ୍, ଟିଭି, ୱାଶିଙ୍ଗ୍ ମେସିନ୍ ଇତ୍ୟାଦି), ପ୍ରତି ୧୦୦ ବର୍ଗଫୁଟ୍‌ରେ ୬ଟି ଇନ୍‌ଡୋର୍ ପ୍ଲାଣ୍ଟଲଗାଇବା ଆବଶ୍ୟକ ।

ସୁଜି କେଶର ହାଲୱା

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ କାଜୁ ଓ କିସ୍‌ମିସ୍‌କୁ ଭଲଭାବରେ ଭାଜି ଦିଅନ୍ତୁ ଏବେ କଡ଼େଇରେ ଦୁଇ ଚାମଚ ଘିଅକୁ ଗରମକରି ସେଥିରେ ସୁଜିକୁ ଭଲଭାବରେ ଭାଜନ୍ତୁ । ଧ୍ୟାନଦେବେ ଯେପରି ସୁଜି ଅଧିକ ଭାଜି ନ ହୋଇଯାଏ । ଏବେ ସେଥିରେ ମିଶାନ୍ତୁ ରାବିଡ଼ି, ଚିନି ଏବଂ ରଙ୍ଗ ବା ଅରେଞ୍ଜ ଫ୍ଲେଭର ପାଇବା ପାଇଁ ଫ୍ଲେଭରଡ୍ ସାଫରନ୍ ଓ ଅଧିକ ସ୍ୱାଦିଷ୍ଟ ପାଇଁ ଆପଣ କେଶର ମଧ୍ୟ ମିଶାଇ ପାରିବେ । ଏବେ ଅଧକପ୍ ପାଣି ଦେ ଏହାକୁ ଭଲଭାବେ ଫୁଟିବାକୁ ଛାଡ଼ିଦିଅନ୍ତୁ । ଏବଂ ଶେଷକୁ କାଜୁ ଓ କିସ୍‌ମିସ୍ ପକାଇ ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଥିବା ସୁଜି ହାଲୱାକୁ ସାଇଜ୍, ପିସ୍‌ପିସ୍ କରି କାଟି ପ୍ଲେଟରେ ବାଢ଼ନ୍ତୁ । ଖାଦ୍ୟ ଖାଇସାରିବା ପରେ ଆପଣ ଏହାକୁ ଡେଜର୍ଟଭାବେ ଖାଇ ପାରିବେ ।

ଆବଶ୍ୟକ ସାମଗ୍ରୀ:
୧୦୦ ଗ୍ରାମ୍ ସୁଜି, ଅଧକପ୍ ଚିନି, ଘିଅ, ଅଧକପ୍ ରାବିଡ଼ି, କାଜୁ ଓ କିସ୍‌ମିସ୍, ଅଧକପ୍ ଘଇଅ, ଅରେଞ୍ଜ ଫ୍ଲେଭର ସାଫରନ୍ ।

ବୈଜ୍ଞାନିକ ମାନଙ୍କ ଚ୍ୟାଲେଞ୍ଜ ପଥର ନଦୀ

ନଦୀରେ ପାଣି ସହ ପଥର ଦେଖିବାକୁ ମିଳେ । ହେଲେ ଆପଣ କେବେ ଏପରି ନଦୀ ଦେଖିଛନ୍ତି ଯାହା ପଥରରେ ବନିଛି । ଏହି ନଦୀଟି ରୁଷରେ ଅଛି । ବୈଜ୍ଞାନିକମାନଙ୍କ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ହୋଇଥିଲା ବେଳେ ଅଦ୍ୟାବଧି ଏହାର ଖୁଲାସା ହୋଇପାରିନାହିଁ । ପ୍ରକୃତିର ଏହି ଅଜବ ବରଦାନର ନାମ ହେଉଛି ପଥରରୁ ଅଧିକ । ଏହି ନଦୀରେ ଆପଣ ୬ କିଲୋମିଟର ପର୍ଯ୍ୟନ୍ତ କେବଳ ପଥର ଦେଖିବେ । ନଦୀର ଧାରାଭଳି ଏହି ପଥର ଧାରା ରହିଥିଲାବେଳେ କେଉଁ ଜାଗାରେ ଏହାର ବ୍ୟାସ ୨୦ ମିଟର ତ ଆଉ କେଉଁ ଜାଗାରେ ୭୦୦ ମିଟର । ନଦୀ ଭିତରେ ଥିବା ପଥର ଓଜନ ମଧ୍ୟ ୧୦ ଟନରୁ ଅଧିକ । ତେବେ ଏହି ଅଂଚଳରେ କିପରି ପଥରର ନଦୀ ସୃଷ୍ଟି ହେଲା ତାହା ଜଣାପଡିନାହିଁ । କିଛି ବୈଜ୍ଞାନିକଙ୍କ ଯୁକ୍ତି ହେଉଛି ୧୦ ହଜାର ବର୍ଷ ତଳେ ଗ୍ଲାସିୟର ଭାଙ୍ଗି ଏହି ଅଜବ ପ୍ରକାରର ନଦୀ ସୃଷ୍ଟି ହୋଇଛି

ଓଁ ଧ୍ୱନିର ବିଶେଷତ୍ୱ

ଅନେକ ସମୟରେ ଆପଣ ଦେଖିଥିବେ ଓଁ ଧ୍ୱନି ଉଚ୍ଚାରଣ କରିଥିବାର । ସେ କୌଣସି ପ୍ରାର୍ଥନା ସଭା ଗୃହ ହେଉ କି ଦେବାଦେବୀଙ୍କୁ ଆରାଧନା ସମୟରେ, କି ହେଉ ପ୍ରାତଃ ଉଠିବା ବେଳେ । ଆପଣ ଜାଣନ୍ତୁ ଯେ ସବୁ ମନ୍ତ୍ର ଓଁ ରୁ ଆରମ୍ଭ ହୋଇଥାଏ ଓ ସ୍ୱାହାରେ ଶେଷ ହୋଇଥାଏ । ଓଁ ଶବ୍ଦର ଅର୍ଥ ହେଉଛି ପ୍ରଣବ । ବା ଆଦ୍ୟ ଉଚ୍ଚାରଣ ହୋଇଥିଲେ ବି ଏଥିରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥାଏ । ଧର୍ମଶାସ୍ତ୍ର କହେ ଏହା ହେଉଛି ସମଗ୍ର ପ୍ରକୃତିର ସ୍ରଷ୍ଟା ଏବଂ ସଂହାରକ । ତେଣୁ ଓଁ ହେଉଛି ବିଶ୍ୱର ତିନି ତ୍ୱର । ଓଁ ଉଚ୍ଚାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ଧାର୍ମିକ ଉଚ୍ଚାରଣ ସହ ଓଁ ଉଚ୍ଚାରଣ କରୁଥିବା ବ୍ୟକ୍ତି କିଛି ତଥ୍ୟ ଉପରେ ଧ୍ୟାନ ଦେବା ଆବଶ୍ୟକ । ତଳେ ପଦ୍ମାସନରେ ବସି ଆଖି ବନ୍ଦ କରି ନିଜର ନାଭି ମଣ୍ଡଳରୁ ବଡ ପାଟିରେ ଓଁ ଉଚ୍ଚାରଣ କରନ୍ତୁ । ଯଥା ସମ୍ଭବ ଓଁ ଉଚ୍ଚାରଣକୁ ଲମ୍ବାଇ ଚାଲିବା ପରେ ନିଶ୍ୱାସ ବନ୍ଦ କରନ୍ତୁ । ବାରମ୍ବାର ଏମିତି କରନ୍ତୁ, ୨ ମିନିଟ୍ ପର୍ଯ୍ୟନ୍ତ ଏମିତି କରିବା ଉଚିତ୍ । ଓଁ ଏକ ପ୍ରକାର ଧ୍ୟାନ । ଏହାକୁ ଉଚ୍ଚାରଣ କରିବା ଦ୍ୱାରା ମନ ହାଲ୍‌କା ଓ ଶାନ୍ତ ରୁହେ । ସକାଳେ ଉଠିବା ସମୟରେ ଓଁ ଉଚ୍ଚାରଣ କଲେ ଏହାର ଧ୍ୱନି ଆପଣଙ୍କ ମନକୁ ପ୍ରଫୁଲ୍ଲ ରଖିବା ସହିତ ସାରା ଦିନଟି ଆପଣଙ୍କର ମଙ୍ଗଳମୟ କରିବ ।



ଅମ୍ବାଦଳାରେ ବଜ୍ରାଘାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର

ଗୁଣୁପୁର,୨୦।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକ ଅମ୍ବାଦଳା ବଡ ହରିଜନ ସାହିରେ ଆଜି ବଜ୍ରାଘାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ରାୟଗଡାଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ଏପରି ଏକ ଦୁଃଖଦ ଓ ଅଭାବନୀୟ ଘଟଣା କୁ ନେଇ ପୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିବରଣୀରୁ ପ୍ରକାଶ ଏହିକିଜେ ଆଜି ଅପରାହ୍ନରେ ଅମ୍ବାଦଳା ବଡହରିଜନ ସାହିର ନରେଶ ସୁନା (୨୬) ପିତା -ଜୟମଲ୍ ସୁନା, ଅର୍ଜାଲୁ ପଲକିଆ (୩୪), ପିତା-ଦୀନବନ୍ଧୁ ପଲକିଆ, ଦ୍ରୀପତି ହିଆଳ,ପିତା-ଚନ୍ଦ୍ରକଳା ହିଆଳ ସମସ୍ତେ ଗୋରୁ ଚରାଉ ଥିଲେ । ପ୍ରାୟ ୨.୩୦ ସମୟରେ ବର୍ଷା ସାଙ୍ଗକୁ ଶକ୍ତ ବିଜୁଳୀ ମାରୁଥିଲା ଭୟରେ ଏହି ତିନି ଜଣ ଗୋରୁ ଛାଡି ଅମ୍ବାଦଳାସ୍ଥିତ ବେଦାନ୍ତ ବ୍ରିଜ୍ ପାଖରେ ଥିବା ଏକ ଗଛନିକଟରେ ନିଜକୁ ବର୍ଷାରୁ ରକ୍ଷା ପାଇବା ପାଇଁ ଯାଉଥିବା ସମୟରେ ଏହି ତିନି ଜଣଙ୍କ ଉପରେ ଶକ୍ତ ବିଜୁଳିପଡିବା ଫଳରେ ସମସ୍ତେ ଅଚେତ୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପଡିଥିବା ତିନିଜଣଙ୍କୁ ଗ୍ରାମବାସୀ ଅମ୍ବାଦଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସଚିନ୍ ତ୍ରିପାଠୀ, ନରେଶ ସୁନା ଓ ଅର୍ଜାଲୁ ପଲକିଆଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଦ୍ରୀପତି ହିଆଳଙ୍କୁ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ଅମ୍ବାଦଳା ପୋଲିସ୍ ତରଫରୁ ଏସ୍ ଆଇ ପ୍ରକାଶ ଚନ୍ଦ୍ର ବେହେରା, କେଶ କରିବା ସହ ପୋଷ୍ଟମର୍ଟମ୍ କରାଯିବା ପରେ ଦୁଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଦୁଃଖଦ ଘଟଣା ରେ ଆମ୍ବାଦଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରକାର ତୁରନ୍ତ ମୃତ ପରିବାରଙ୍କୁ ସହାୟତା ପ୍ରଦାନ କରିବା ସହ ଚିକିତ୍ସାଧିନ ଦ୍ରୀପତିଙ୍କୁ ସମ୍ପୂର୍ଣ୍ଣ ଉଚ୍ଚ ମାନର ଚିକିତ୍ସା ସରକାରୀ ଖର୍ଚ୍ଚରେ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି। ଏତଦ୍ ବ୍ୟତୀତ ଏହି ଦୁଃଖଦ ଘଟଣାରେ ବିଜେଡିର ଆଗଧାଡ଼ିର ଯୁବନେତା ଧୀରୁ ପାଣିଗ୍ରାହୀ, ବିଜେଡି ବ୍ଲକ ସଭାପତି ଶ୍ରୀ ରତନଲାଲ ଜୈନ ଓ ଜିଲ୍ଲା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଗଉଡ ଗଭିର ଦୁଃଖ ପ୍ରକାଶ କରିଛନ୍ତି ।

କଟକରେ ମାସ୍କ ନ ପିନ୍ଧିଥିବାରୁ ୨୬୯ଜଣଙ୍କ ଠାରୁ ଜୋରିମାନା, ୩ ଦୋକାନ ସିଲ

ଭୁବନେଶ୍ୱର,୨୦।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୬୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୧୮୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୩୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ରାଜଧାନୀରେ ଆକ୍ରାନ୍ତ ସଂଖ୍ୟା ୧୮ ହଜାର ପାର୍

ଭୁବନେଶ୍ୱର,୨୦।୯ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଶନିବାର ଦିନ ଆଉ ୩୪୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ସଂଗରୋଧରୁ ୧୦୪ ଜଣ ଓ ସ୍ଥାନୀୟ ଅଂଚଳରୁ ୨୩୮ ଜଣ ଅଛନ୍ତି । ଏଥିସହ ଭୁବନେଶ୍ୱରର ମାଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହଜାର ଟପି ୧୮,୨୬୭ ର ପହଂଚିଛି। ସେହିପରି ୨୪ ଘଂଟାରେ ଆଉ ୪୨୧ ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୧୪,୦୫୨କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବର୍ତମାନ ପର୍ଯ୍ୟନ୍ତ ୬୮ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ବର୍ତମାନ ଆଉ ୪,୧୩୩ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ସଂଗରୋଧରୁ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତମାନେ ପୂର୍ବରୁ ସଂକ୍ରମିତ ହୋଇଥିବା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଥିଲେ। ଏମାନଙ୍କ ମଧ୍ୟରୁ ଶୈଳଶ୍ରୀ ବିହାରରୁ ୮ ଜଣ, ୟୁନିଟ-୬ରୁ ୬ ଜଣ, ମଂଚେଶ୍ୱରରୁ ୫ ଜଣ, ଲକ୍ଷ୍ମୀସାଗରରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ଏକ ହସ୍ପିଟାଲରୁ ୧୩ ଜଣ , ଖଣ୍ଡଗିରିରୁ ୧୧ ଜଣ, ଏକ ଘରୋଇ ହସ୍ପିଟାଲରୁ ୯ ଜଣ,ଜାଗମରା ଓ ବିଜେବି ନଗରରୁ ୭ ଜଣ ଲେଖାଏଁ , ଝାରପଡା , ନିଳାଦ୍ରୀ ବିହାର ରୁ ୬-୬ ଜଣ, ୬ ଜଣ ଘରୋଇ ହସ୍ପିଟାଲ କର୍ମଚାରୀ , ଗ୍ୟରେଜ ଛକ, ବମିଖାଲରୁ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରରୁ ଆଜି ମୋଟ ୪୨୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଯାଇଛନ୍ତି । ଏଥିରେ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ଅଂଚଳରୁ ୧୮ ଜଣ, ରସୁଲଗଡ଼ ଗାଁରୁ ୧୪ ଜଣ, ସହିଦ ନଗରରୁ ୧୨ ଜଣ, ଆଇଆରସି ଭିଲେଜ, ବଡ଼ଗଡ଼ ବ୍ରିଟ କଲୋନି, ଚକେଇସିହାଣୀରୁ ୧୦-୧୦ ଜଣ, ଭୀମଟାଙ୍ଗୀ ଏଚବି କଲୋନି, ନୟାପଲ୍ଲୀରୁ ୮ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ଦେଖିବାକୁ ମିଳୁନାହାନ୍ତି ବିଲୁଆ, ଶାଗୁଣା, କୁମ୍ଭାଟୁଆ, ଘରଚଟିଆ

କଣାସ,୨୦।୯ (ନି.ପ୍ର): ଆଧୁନିକ ସଭ୍ୟତାର ଯେତିକି ଅଗ୍ରଗତି ହେଉଛି ପାଣିପାଗର ସେତିକି ପରିବର୍ତନ ହେଉଥିବାରୁ ତାହାର ପ୍ରଭାବ ପଡୁଛି ମଣିଷର ସହାୟକ ଜୀବଜନ୍ତୁ, ପକ୍ଷୀମାନଙ୍କ ଉପରେ । କାଳକ୍ରମେ ଅନେକ ଜୀବଜନ୍ତୁ ଏବଂ ପକ୍ଷୀ ବିଲୁପ୍ତ ହୋଇଯାଉଥିବାରୁ ତାହାର ପ୍ରଭାବ ପଡିଛି ଆଜିର ଅଧୁନିକ ମଣିଷ ସମାଜ ଉପରେ । ଦିନଥିଲା ରାତ୍ରର ଚାରିପ୍ରହରକୁ ମଣିଷ ନିଦ୍ରିତ ଥିବା ସମୟରେ ଜାଣିପାରୁଥିଲେ । ଆଜି ଯଦି ଛୋଟ ପିଲାମାନଙ୍କୁ ରାତ୍ରର ପ୍ରହର ସଂପର୍କରେ ପଚାରିଲେ ସେମାନେ ପ୍ରହର କଣ ବୋଲି ଓଲଟି ପ୍ରଶ୍ନ ପଚାରୁଛନ୍ତି । ରାତ୍ରର ପ୍ରହର ସୂଚନା ଦେଉଥିବା ମଣିଷର ପ୍ରକୃତ ବନ୍ଧୁ ବିଲୁଆ ଏବଂ କୁମ୍ଭାଟୁଆ ଆଜି ଦେଖିବାକୁ ସ୍ୱପ୍ନ । ଶୁଭୁନାହିଁ ସେହି ବିଲୁଆର ହୁକେ ହୋ ଡାକ ଏବଂ କୁମ୍ଭାଟୁଆର କାଳ ମେଳ ରାବ । ପୂର୍ବପୁରୁଷରୁ ଜହ୍ନଙ୍କୁ ମାମୁଁ ଏବଂ ବିଲୁଆକୁ ସମ୍ବର୍ଦ୍ଧନ କରି ଜେଜେବାପା ଏବଂ ଜେଜେମାଆ ତାଙ୍କ ଅଝଟିଆ ନାତି, ନାତୁଣୀମାନଙ୍କୁ ଶାନ୍ତ କରୁଥିଲେ । ରାତ୍ରର ପ୍ରତ୍ୟେକ ପ୍ରହରର ହୁକେ ହୋ ରଡି ଛୋଟଛୋଟ ପିଲାଙ୍କ କାନରେ ପଡିଲେ ଜେଜେବାପା ଏବଂ ଜେଜେମାଆଙ୍କ କଥା ମନେ ପଡିଯାଉଥିଲା । ବିଲୁଆମାନେ ମୁଖ୍ୟତଃ ଗାଁ ଗହଳିର ଗହିର ମାନଙ୍କରେ ଥିବା ଛୋଟଛୋଟ ବୁଦା, କିଆଗଛ ମୂଳେ ଗାତଖୋଳି ରହିଥାଆନ୍ତି । ଆଜି ସେ ବୁଦା ଦେଖିବାକୁ ମିଳୁନାହିଁ କି ବିଲିଆଙ୍କ ଚିହ୍ନବର୍ଣ୍ଣ ମିଳୁନାହିଁ । ପୁରୁଖା ବୃଦ୍ଧମାନେ କୁହନ୍ତି ଟାଇଫୁନ୍ ଧାନରେ ପ୍ରୟୋଗ କରାଯାଉଥିବା ବିଷ ବିଲୁଆ ବଂଶର ପତନର ମୁଖ୍ୟ କାରଣ । ଏମାନେ ଧାନରେ ପଡୁଥିବା ବିଷର କୋପରେ ମୃତ୍ୟୁବରଣ କରୁଥିବା ଏବଂ ଜମିରେ ରହୁଥିବା କଙ୍କଡା ବିଷ ପ୍ରୟୋଗରେ ମୃତ୍ୟୁବରଣ କରୁଥିବାରୁ କଙ୍କଡା ଗୁଡିକୁ ଖାଇ ବିଲୁଆ ବଂଶ ଲୋପ ପାଇଯାଇଛି । ସେହିପରି ପରିବେଶର ସୁରକ୍ଷାର ଅନ୍ୟତମ କୁହାଯାଉଥିବା ଶାଗୁଣା ଏବେ ମଧ୍ୟ ବିଲୁପ୍ତ । ଶାଗୁଣା ଆଉ କେଉଁଠି ଦେଖିବାକୁ ମିଳୁନାହାନ୍ତି । ମଶାଣୀ ହେଉ କିମ୍ବା ରାସ୍ତା କଡରେ ଶବଟିଏ ପଡିଲେ ଦଳଦଳ ହୋଇ ଶାଗୁଣା ଆସି ସେସବୁ ଖାଇ ସଫା କରିଦେଉଥିଲେ । କିନ୍ତୁ ଏବେ ଦିନ ଦିନ ଧରି ଶବଟିଏ ପଡିଲେ ବି ଶାଗୁଣାଙ୍କ ଦେଖାମିଳୁନାହିଁ । ୧୯୯୯ ମହାବାତ୍ୟା ପରଠାରୁ ଶାଗୁଣା ବଂଶ ଲୋପ ପାଇଯାଇଛି ବୋଲି କୁହାଯାଇଛି । ତେବେ ଅନେକ ବୟସ୍କ ଲୋକ କୁହନ୍ତି ବଡବଡ ଗଛ, ତାଳଗଛ, ଲୋପ ପାଇଯାଇଥିବାରୁ ଶାଗୁଣାମାନଙ୍କ ବଂଶ ଲୋପ ପାଇଯାଇଛି । ସେହିପରି ଘରଚଟିଆ, ବାଇଚଢେଇ, ହଳଦୀ ବସନ୍ତ, ଗୋବରା ଚଢେଇ ମଧ୍ୟ ବିଲୁପ୍ତ ହୋଇଗଲେଣି । ବିଲୁପ୍ତ ହୋଇଯାଇଥିବା ଜୀବଯନ୍ତୁ ଚଢେଇମାନଙ୍କ ସୁରକ୍ଷାପାଇଁ ସମସ୍ତେ ଚିନ୍ତା କରିବା ଉଚିତ୍ ବୋଲି ପରିବେଶବିତ୍‌ମାନେ କୁହନ୍ତି ।

ବୀରମିତ୍ରପୁର ମହିଳା ଥାନା ଅଧିକାରୀ ନିଜ ସ୍ୱାମୀଙ୍କ ନାମରେ ଦେଲେ ଏତଲା

ରାଉରକେଲା,୨୦।୯ (ନି.ପ୍ର): ସୁନ୍ଦରଗଡ ପୁଲିସ ଜିଲ୍ଲା ବୀରମିତ୍ରପୁର ଥାନା ଅଧିକାରୀ ସିଭା ରାଣୀ ସୁନା ନିଜ ସ୍ୱାମୀଙ୍କ ନାମରେ ରାଉରକେଲା ପୁଲିସ ଜିଲ୍ଲା ରଘୁନାଥପାଲ୍ଲୀ ଥାନାରେ ନାନା ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗକୁ ଭିତିକରି ପୁଲିସ ୪୯୮ ଓ ୩୦୭ ଦଫାରେ ମାମଲା ମଧ୍ୟ ରଘୁନାଥପାଲ୍ଲୀ ପୁଲିସ ରୁଜୁ କରିଥିବା ଜଣାପଡିଛି । ନିକଟରେ ଥାନା ଅଧିକାରୀଙ୍କ ଦ୍ୱାରା ଦୁଷ୍କର୍ମ ଅଭିଯୋଗ ଆସିବା ପରେ ସେ ସମୟର ବୀରମିତ୍ରପୁର ଥାନା ଅଧିକାରୀଙ୍କୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଚାକିରୀରୁ ବାହାର କରିଦେଇଥିଲେ । ସେହି ଯାଗାରେ ସିଭାରାନୀ ସୁନାଙ୍କୁ ଦାୟିତ୍ୱ ଦିଆଯାଇ ବୀରମିତ୍ରପୁର ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଆଜି ସକାଳୁ ଏତଲାରୁ ଜଣା ପଡିଥିଲା ମାଡାମ ଥାନା ଅଧିକାରୀଙ୍କ ସ୍ୱାମୀ ତାଙ୍କୁ ବିବାହ ପରଠାରୁ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେବା ସହ ହତ୍ୟା ଧମକ ଦେଉଛନ୍ତି । ଏନେଇ ତାଙ୍କ ସ୍ୱାମୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ତାହା ସମ୍ଭବ ହୋଇନଥିବା ବେଳେ ମାଡାମ ଥାନା ଅଧିକାରୀ କହିଛନ୍ତି ମୁଁ କୌଣସି କାମରେ ବ୍ୟସ୍ତ ଅଛି ପରେ ସବୁ କଥା କହିବି । ତେବେ ଏନେଇ କିଛି ବରିଷ୍ଠ ପୁଲିସ ଅଫିସରଙ୍କ ପ୍ରତିକ୍ରିୟା ନେବା ବେଳେ ସେମାନେ ନିଜ ନାମ ଗୋପନ ରଖି କହିଛନ୍ତି, ଏହା ଥାନା ଅଧିକାରୀଙ୍କର ବ୍ୟକ୍ତିଗତ ମାମଲା, ତେଣୁ ସେଥିରେ ଆମର କିଛି କହିବାର ନାହିଁ । ଏହି ଘଟଣା ଆଜି ପଦାକୁ ଆସିବା ପୂର୍ବରୁ ସୁନ୍ଦରଗଡ ପୁଲିସ ଜିଲ୍ଲାରେ ଗୁପଚୁପ ଭାବେ ଏହା ଆଲୋଚନା ଚାଲିଥିଲା ବୋଲି କୁହାଯାଉଛି । ସେହିଭଳି ଏହି ଥାନାକୁ ନେଇ ବିଭିନ୍ନ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି । ଏହି ଥାନାରେ ଜଣେ ପୂର୍ବତନ ବାବୁ କେଳଙ୍କାରୀ କରି ଥାନା ଓ ପୁଲିସ ଜିଲ୍ଲାକୁ ଚର୍ଚ୍ଚାରେ ରଖିବା ପରେ ଏହି ଘଟଣା ପୁଣି ବୀରମିତ୍ରପୁର ଥାନା ଓ ଜିଲ୍ଲାକୁ ଚର୍ଚ୍ଚାରେ ରଖିଲା । ଜଣେ ଥାନା ଅଧିକାରୀ ହୁଅନ୍ତୁ କିମ୍ବା ବରିଷ୍ଠ ଅଧିକାରୀ ଯେତେବେଳେ ଏଭଳି ସବୁ ମାମଲାରେ ସେମାନେ ଛନ୍ଦି ହୋଇଯାଆନ୍ତି ତାହା ଲୋକ ଲୋଚନରେ ଅଧିକ ଚର୍ଚ୍ଚା ହୁଏ, ଓ ସାଧାରଣରେ ଏହା ଭିନ୍ନ ପ୍ରଭାବ ମଧ୍ୟ ପକାଏ ବୋଲି କିଛି ପୁରାତନ ଅବସରପ୍ରାପ୍ତ ପୁଲିସ ଅଧିକାରୀ ମତ ଦେଇଛନ୍ତି । ତେବେ ଖୋଦ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା ଲାଗି ଚାକିରୀ କରିଥିବା ଜଣେ ମହିଳା ପୁଲିସ ଅଧିକାରୀ ଯଦି ଏଭଳି ଅସୁରକ୍ଷିତ ତେବେ ତାଙ୍କୁ ଆମ ବ୍ୟବସ୍ଥାରୁ କିଭଳି ନ୍ୟାୟ ମିଳୁଛି ତାହା ଦେଖିବାର କଥା ।

ସରକାରୀ ଜମି ଜବରଦଖଲ : ମେଗା ପାଇପ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ

କଣାସ,୨୦।୯ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ୨୮ଟି ଗ୍ରାମପଚାଂୟତରେ ୫୧୮ ହେକ୍ଟର ଗୋଚର ଓ ଅନାବାଦି ଜମି ରହିଥିବା ସରକାରୀ କାଗଜପତ୍ରରେ ଉଲ୍ଲେଖ ରହୁଥିବାବେଳେ ପ୍ରଭାବଶାଳୀ ବ୍ୟକ୍ତିମାନେ ଗୋଚର ଓ ଅନାବାଦି ଜମିକୁ ଜବରଦଖଲ କରି ରଖିଥିବାରୁ ଗୋ-ସଂପଦ ବିଲୁପ୍ତ ହେବାକୁ ବସିଲାଣି । କଣାସ ବ୍ଲକ ଗଡସାହି ଗ୍ରାମପଚାଂୟତର ଗଡସାହି ମୌଜାରେ ସରକାରୀ ଖାତା ନଂ-୬୦୦, ପ୍ଲଟ ନଂ-୭୯୮ ଏବଂ ୮୧୨, ୩୩ଏକର ସେହି ଗ୍ରାମର କୃଷ୍ଣଚନ୍ଦ୍ର ବଳିୟାରସିଂହ ଜବରଦଖଲ କରି ରଖିଥିବାରୁ ସେ ଜମି ଉପରେ ହେବାକୁ ଥିବା ମେଗା ପାଇପ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି । ଗଡସାହି ଗ୍ରାମପଚାଂୟତର ସରପଚଂ ମାନିନୀ ମଙ୍ଗରାଜ, ୱାର୍ଡସଭ୍ୟ ବିନୋଦିନି ପ୍ରଧାନ, ଲକ୍ଷ୍ମୀଧର ମଲ୍ଲିକ, ବିଭୂତିଭୂଷଣ ବେବତାଙ୍କ ସମେତ ୬୨ ଜଣ ଗ୍ରାମବାସୀ ସ୍ୱାକ୍ଷର କରିଥିବା ଏକ ଦାବିପତ୍ର ସରକାରୀ ଜମିକୁ ଉଚ୍ଛେଦ କରିବା ପାଇଁ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ପୁରୀ, ତହସିଲଦାର କଣାସ ଲକ୍ଷ୍ମୀଧର ମହାରଣାଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ପ୍ରକାଶ ଥାଉକି, ଉକ୍ତ ସରକାରୀ ଜମି ଉପରେ କଣାସ ବ୍ଲକର ୨୮ଗ୍ରାମ ପଚାଂୟତ ସତ୍ୟବାଦୀ ବ୍ଲକର ୪ ଗୋଟି ପଚାଂୟତ ଏବଂ ବ୍ରହ୍ମଗିରି ବ୍ଲକର ୪ ଗୋଟି ଗ୍ରାମପଚାଂୟତର ସମସ୍ତ ଜନସାଧାରଣଙ୍କୁ ପାଇପ୍ ଯୋଗେ ଜଳ ଯୋଗାଇଦେବା ପାଇଁ ଏକ ମେଗା ପାଇପ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଉକ୍ତ ପ୍ଲଟ ଉପରେ ହେବା ପାଇଁ ସ୍ଥିର ହୋଇଛି । ୩୧.୧୨.୨୦୧୮ରିଖ ପତ୍ର ନଂ-୧୨୧୧୯ ନିର୍ବାହୀଯନ୍ତ୍ରୀ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ପୁରୀଙ୍କ ଅନୁସାରେ ୨୬.୦୧.୨୦୧୯ରିଖ ଦିନ ଗଡସାହି ଗ୍ରାମପଚାଂୟତ ଗ୍ରାମସଭାରେ ପ୍ରସ୍ତାବ ନଂ-୧ରେ ଜବରଦଖଲ ଉଚ୍ଛେଦ କରାଯାଇ ମେଗା ପାଇପ୍ ପାନୀୟଜଳ ପ୍ରକଳ୍ପ କରାଯିବା ନିମନ୍ତେ ସର୍ବସମ୍ମତି କ୍ରମେ ଗ୍ରାମସଭାରେ ଅନୁମୋଦିତ ହୋଇଛି । ଏ ସଂପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାକୁ ପଚାରିବାରୁ ସେ କୁହନ୍ତି ମୁଁ ଏ ସମ୍ବଳିତ ଏକ ଦାବିପତ୍ର ପାଇଛି । ଜବରଦଖଲ ଜାଗାର ରାଜସ୍ୱ ନିରୀକ୍ଷକଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଛି । ରିପୋର୍ଟ ପାଇବା ପରେ ଯୁଦ୍ଧକାଳିନୀ ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ରାସନ ସାମଗ୍ରୀ ପ୍ରଦାନ

କେନ୍ଦ୍ରାପଡା,୨୦।୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ଜଣେ ଚଳତ୍ ଶକ୍ତିହୀନ ଭିନ୍ନକ୍ଷମଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ପକ୍ଷରୁ ଟ୍ରାଇ ସାଇକେଲ ଓ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିବା ଜଣାପଡିଛି । ଆର୍ଥିକ ଦୁର୍ବଳ ଓ ଭିନ୍ନକ୍ଷମ ଥିବା ସାନ୍ତସାହି ଗ୍ରାମର ମନୋଜ ବାରିକଙ୍କୁ ଏହି ଟ୍ରଷ୍ଟ ପକ୍ଷରୁ ସାମଗ୍ରୀ ଗୁଡିକ ପ୍ରଦାନ କରାଯାଇଛି । ଶ୍ରୀ ବାରିକ ଦୀର୍ଘଦିନ ହେଲା ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଚଳାବୁଲା କରିବାରେ ସଂପୂର୍ଣ୍ଣ ଅକ୍ଷମ ହୋଇଛନ୍ତି । ଖବର ପାଇ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଦମନ କୁମାର ମହାନ୍ତି, ସାନ୍ତନୁ ମଲିକ, ରାକେଶ ପଣ୍ଡା, ଗୌତମ ସାହୁ, କେଦାର ସ୍ୱାଇଁ, ରାଜେନ୍ଦ୍ର ମହାପାତ୍ର ଓ ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ପହଂଚି ତାଙ୍କୁ ସହାୟତା ଯୋଗାଇ ଦେଇଥିଲେ ।

ଗ୍ରାମାଂଚଳରେ ଅଘୋଷିତ ବିଦ୍ୟୁତ୍‌କାଟ ସାଙ୍ଗକୁ ମନମୁଖି ବିଦ୍ୟୁତ ବିଲ ଆଦାୟ ଅଭିଯୋଗ

ନୂଆପଡା, ୧୯ ସେପ୍ଟେମ୍ବର (ହି.ସ.)- ନୂଆପଡା ଜିଲ୍ଲାର ଗ୍ରାମା ଳରେ ଅଘୋଷିତ ବିଦ୍ୟୁତକାଟ ସାଙ୍ଗକୁ ମନମୁଖି ବିଦ୍ୟୁତ ବିଲ ଆଦାୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲାର ୧୩୧ ଗୋଟି ଂଚାୟତରେ ଏପରି ଇଚ୍ଛା ବିଦ୍ୟୁଟ କାଟ ହେଉଥିବା ବେଳେ ଲୋକେ ଏହି ବିଦ୍ୟୁତ କାଟକୁ ନାପସନ୍ଦ କରିଛନ୍ତି । ଗ୍ରାମାଂଚଳରେ ଦିନକୁ ୧୦ ରୁ ୧୫ ଘଂଟା ବିଦ୍ୟୁତ କାଟ ହେଉଥିବା ଅଭିଯୋଗ କରି ବିଦ୍ୟୁତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବୀ କରିଛନ୍ତି । ସହରା ଳ ଅପେକ୍ଷା ଗ୍ରାମା ଳରେ ଏହି ବିଦ୍ୟୁତକାଟ ଅଧିକ ପରିମାଣରେ ହେଉଥିବାରୁ ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି । ଅନ୍ୟପକ୍ଷରେ ଖାସବାହାଲ ପଂଚାୟତ ସହ ଅନ୍ୟାନ୍ୟ ପଂଚାୟତରେ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ବର୍ଷ ବର୍ଷ ଧରି ମିଟର ନଲଗାଇ ମନମୁଖି ଭାବରେ ବିଦ୍ୟୁତ ବିଭାଗ ବିଦ୍ୟୁତ ବିଲ ଆଦାୟ କରୁଥିବା ନେଇ ଉପଭୋକ୍ତା ମାନେ ଅଭିଯୋଗ କରିଛନ୍ତି । କିଛି ଉପଭୋକ୍ତା ଅଧିକ ବିଦ୍ୟୁତ ବିଲ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନଥିବା ଜଣାପଡିଛି । ଏହାସହ କିଛି ଉପଭୋକ୍ତାଙ୍କ ବିଦ୍ୟୁତ ଲାଇଟ କଟାଯାଇଥିଲେ ମଧ୍ୟ ମାସକୁ ମାସ ବିଲ ଆସୁଥିବାରୁ ସାଧାରଣରେ ବିଦ୍ୟୁତ ବିଭାଗର କାର୍ଯ୍ୟକଳାପକୁ ନାପସନ୍ଦ କରିଛନ୍ତି । ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ ଏବଂ ବିଲ ସମସ୍ୟାର ସମାଧାନ କରିବାକୁ ସାଧାରଣର

ସେବକଶ୍ରୀ ବଲ୍ଲଭ ଚରଣ ସାହୁଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଳି

ବାରିପଦା ,୨୦।୯ (ନି.ପ୍ର): ବାରିପଦାର ବିଶିଷ୍ଟ ସମାଜସେବୀ ବଲ୍ଲଭ ଚରଣ ସାହୁଙ୍କ ଏକାଦଶାହ ଉପଲକ୍ଷେ ଅଜି ବଳାଙ୍ଗୀ ମହୋତ୍ସବ କମିଟି ତରଫରୁ ବାରିପଦା ରୋଟାରୀ ଭବନ ଠାରେ କୋଭିଡ ନିୟମ ପାଳନ ପୂର୍ବକ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ବଳାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ବାରିପଦାର ବହୁ ବୁଦ୍ଧିଜିବୀ ସମାଜସେବୀ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ଫୋଟଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଳି ଅର୍ପଣ କରିଥିଲେ ଏବଂ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ପରେପରେ ନରେନ୍ଦ୍ର ମୋହନ ସେନାପତି, ନୀରୋଜ ପୋଥାଳ, ଡାଃ ସୁମିତ୍ରା ସୋରେନ, ପରିତୋଷ ଦାଶ, ଆର୍ଯ୍ୟଭଟ୍ଟ ମହାନ୍ତି, ସୁକାନ୍ତ ଜୀଉ, ଅଧ୍ୟାପକ ସୁନୀଲ ଜେନା, ଜ୍ଞାନ ରନ ତ୍ରିପାଠୀ, ଅକ୍ଷୟ କୁମାର ମହାନ୍ତି, ବିଜୟ ବେହେରା, ପଣ୍ଡିତ ଭାଗବତ ପଣ୍ଡା, ଡଃ ଶଶିଧର ବିଶ୍ୱାଳ ପ୍ରମୁଖ ସ୍ୱର୍ଗତଃ ବଲ୍ଲଭ ଚରଣ ସାହୁଙ୍କ ସ୍ମୃତିଚାରଣ କରି ସାହୁବାବୁଙ୍କ ଆଜୀବନ ତ୍ୟାଗପୂତ କର୍ମଧାରା ତାଙ୍କୁ ଚିରଦିନ ପାଇଁ ଅମର ରଖିବ ଏବଂ ଆଜିର ଯୁବ ସମାଜ ତାଙ୍କ ପଦାଙ୍କ ଅନୁସରଣ କରିବା ଉଚିତ ବୋଲି କହିଥିଲେ । ସେହିପରି ସ୍ୱର୍ଗତଃ ସାହୁଙ୍କ ସ୍ମୃତିରେ ଶ୍ରୀଜଗନ୍ନାଥ ସେବା ଓଡିଶା ପକ୍ଷରୁ ସଭାପତି ସମାଜସେବୀ ପରିତୋଷ ଦାଶ, ଉପସଭାପତି ନୀରୋଜ କୁମାର ପୋଥାଳଙ୍କ ନେତୃତ୍ୱ ରେ ପାଲବଣି ଜରାଶ୍ରମ ରେ ଅନ୍ତେବାସୀ ମାନଙ୍କୁ ସେବା ଯୋଗାଇ ଦେବା ସହିତ ଏକ ଶ୍ରଦ୍ଧାଳି ସଭା ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ବଲ୍ଲଭ ଚରଣ ସାହୁ ଆଜୀବନ ବାରିପଦା ହସପିଟାଲରେ ଅସହାୟ ରୋଗୀ ମାନଙ୍କର ସେବା କରିବା ସହିତ ନିଜ ଖର୍ଚ୍ଚରୁ ଔଷଧ ବସ୍ତ୍ର ଆଦି ଯୋଗାଇ ଦେଇ ଆସୁଥିଲେ । ତାଙ୍କର ଅକାଳ ବିୟୋଗ ସାରା ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ସ୍ମୃତିଚାରଣ କରି କହିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ବାସୁଦେବପୁର ,୨୦।୯ (ନି.ପ୍ର): ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ସପ୍ତାହ ଅବସରରେ ମନ୍ଦାରୀ ମଣ୍ଡଳପୋଖରୀ ଠାରେ ବାସୁଦେବପୁର ବିଜେପି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ମାଧବାନନ୍ଦ ମଲିକ ଏହି ଶିବିରକୁ ଉଦଘାଟନ କରିଥିଲେ । ସମୁଦାୟ ୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେଏହି ଶିବିରରେ ଉଦୟ ନାରାୟଣ ମଲିକ, ମହେଶ୍ୱର ଧଳ, ଭଗବାନ ମହାନ୍ତି, ବିଦ୍ୟାଧର ମୁଦୁଲି, ବିକାଶ ସେଠୀ, ବିଶ୍ୱନାଥ ବାରିକ, ହରପ୍ରିୟା ସାହୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ ଓ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ବଣ୍ଟା ଯାଇଥିଲା ।

ଫେସ୍‌ବୁକ୍ ପ୍ରେମ : ଯୁବକକୁ ଛେଚିଲେ ୩ ଯୁବତୀ

ଜଳେଶ୍ୱର, ୨୦/୯ (ନି.ପ୍ର) : ଆଜି ପୂର୍ବାହ୍ନରେ ଚଳଚିତ୍ର ଷ୍ଟାଇଲେ ଜଣେ ଯୁବକକୁ ୩ ଯୁବତୀ ବିଚ୍ ବଜାରରେ ଜନଗହଳିପୂର୍ଣ୍ଣ ରାସ୍ତାରେ ଗୋଡାଇ ଗୋଡାଇ ପିଟିବା ଘଟଣା ସହରରେ ଆଲୋଚ୍ୟର ବିଷୟ ହୋଇଛି । ଫେସ୍‌ବୁକ୍ ପ୍ରେମରୁ ସୃଷ୍ଟି ହୋଇଛି ଆଜିର ଏହି ମହାଭାରତ । ଯୁବକକୁ ୩ ଯୁବତୀ ମାଡ ମାରି ଚାଲିଥିବା ବେଳେ ବଜାରରେ କେହିକିଛି ବୁଝିପାରୁନଥାନ୍ତି । ପରେ ଘଟାଣାରୁ ଜଣାଗଲାଯେ ଏମାନେ ସମସ୍ତଙ୍କ ଘର ବାଲେଶ୍ୱରର ସହଦେବଖୁଣ୍ଟା ଇଲାକାରେ । ଘଟଣାରୁ ପ୍ରକାଶ କୌଣସି କାରଣରୁ ସିପୁନ୍ ସିଂ ସହିତ ୩ ଯୁବତୀଙ୍କର ମୋବାଇଲରେ ପ୍ରେମ ସଂପର୍କ ଗଢି ଉଠିଛି । ସୁପୁନ୍ ୩ ଜଣଙ୍କୁ ଭଲପାଇବାର ଅଭିନୟ କରୁଥିବା ବେଳେ ସେମାନେ ତାହା ଜାଣିନଥିଲେ । କିନ୍ତୁ ଆଜି ସକାଳେ ସିପୁନ୍ ଫୋନ୍ ଧରୁନଥିବାରୁ ୨ଜଣ ଯୁବତୀ ଏ ସଂପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ । ପ୍ରକାଶଯୋଗ୍ୟ ଜଣେ ଯୁବତରକୁ ଧରି ଦୀଘା ପଳାଇଥିଲା । ଶେଷରେ ଜଳେଶ୍ୱରରେ ଅପେକ୍ଷା କରିଥିବା ୨ ଯୁବତୀ ସୁପୁନ୍‌କୁ ଜଳେଶ୍ୱର ଟାଉନ୍ ହାଇସ୍କୁଲ ନିକଟରେ ଏକ ଅଜଣା ଫୋନ୍‌ରୁ ଦେଖା କରିବାକୁ ଅପେକ୍ଷା କରିଥିବାର ଜଣାଇଥିଲେ । ଶେଷରେ ୩ ଜଣ ଯୁବତୀ ଏକତ୍ରୀତ ହେବାପରେ ତିନିହେଁ ଫସିଥିବାର ଜାଣି ସିପୁନ୍ ସିଂକୁ ନିଧୁର୍ମ ଛେଚିଥିଲେ । ଘଟଣା ଥାନାକୁ ଯାଇଥିଲେ ମଧ୍ୟ ଏହା ସହଦେବଖୁଣ୍ଟା ଅଂଚଳର ହୋଇଥିବାରୁ ମାମାଲା ରୁଜୁ ହୋଇନଥିବା ଜଣାଯାଇଛି ।

ଭୁବନେଶ୍ୱରରୁ ପୁଣି ୩୨୫ ପଜିଟିଭ୍

ଭୁବନେଶ୍ୱର,୨୦।୯ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ରବିବାର ଦିନ ପୁଣି ୩୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ନୂଆ ପଜିଟିଭଙ୍କ ମଧ୍ୟରେ ସଂଗରୋଧରୁ ୧୦୭ ଜଣ ଓ ସ୍ଥାନୀୟ ଅଂଚଳରୁ ୨୧୮ ଜଣ ଆକ୍ରାନ୍ତ ରହିଛନ୍ତି । ଅନ୍ୟପକ୍ଷରେ ୨୪ ଘଂଟାରେ ଆଉ ୩୮୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏପର୍ଯ୍ୟନ୍ତ ଭୁବନେଶ୍ୱରରୁ ୧୮ ହଜାର ୫୯୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୪ ହଜାର ୪୩୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତମାନ ୪ ହଜାର ୭୪ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ଓ ୬୮ ଜଣଙ୍କର ପ୍ରାଣହାନୀ ଘଟିଛି ।
ସୂଚନା ଅନୁସାରେ ଆଜି ସିଆରପିଏଫ ପରିସରରେ ଥିବା ସଂଗରୋଧରୁ ୨୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିଭଳି ପାତ୍ରପଡ଼ାରୁ ୭ ଜଣ, ନୟାପଲ୍ଲୀ ଓ ବମିଖାଲରୁ ୪ ଜଣ ଲେଖାଏଁ, ଆଇଆରସି ଭିଲେଜ ଓ ସୂର୍ଯ୍ୟନଗରରୁ ୩ ଜଣ ଶୈଳଶ୍ରୀ ବିହାର, ବଡ଼ଗଡ଼ ବ୍ରିଟ କଲୋନିରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।
ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ସିଆରପିଏଫ କ୍ୟାମ୍ପସ୍ ରୁ ୧୮ ଜଣ, ପାତ୍ରପଡ଼ାରୁ ୧୧ ଜଣ, ଅନ୍ୟ ଜିଲ୍ଲାରୁ ୮ ଜଣ, ଝାରପଡ଼ାରୁ ୭ ଜଣ, ଖଣ୍ଡଗିରି, ପଟିଆ, ଡୁମଡୁମାରୁ ୬ ଜଣ ଲେଖାଏଁ, ବିଡିଏ କଲୋନିରୁ ୫ ଜଣ କରୋନା ପଜିଟିଭ ଜଣାପଡ଼ିଛନ୍ତି ।

ଜଳେଶ୍ୱରର ବିଭିନ୍ନ ଅଂଚଳରେ ବଢୁଛି ସଂକ୍ରମିତ ସଂଖ୍ୟା : ୪ଶହ ଡେଇଁଲା

ଜଳେଶ୍ୱର,୨୦।୯ (ନି.ପ୍ର): ଗତ ୭ ଦିନ ମଧ୍ୟରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମିତ ସଂଖ୍ୟା ବଢି ଚାଲିଛି । ଆଜି ଏବହା ୪ଶହ ଟପିଥିବା ଜଣାଯାଇଛି । ବିଶେଷ କରି ନାମ୍ପୋ, ପଶ୍ଚିମବାର୍ଡ, ଶାଳିକୋଠା, ଡେମୁରିଆ, ଚାଫଲା, ଖୁଲୁଡା, ଲକ୍ଷ୍ମଣନାଥ ରୋଡ, ଲକ୍ଷ୍ମଣନାଥ, ସୁଗୋ, କମାରଶାଳିଆ, ରାଇବଣିଆ ଅଂଚଳରେ ଏହା ଦିନକୁଦିନ ବଢିବାରେ ଲାଗିଛି । କେବଳ ନଛିମପୁର ଗାଁରୁ ୨୬ଜଣ ଥିବାର ଜଣାଯାଇଛି । ଇତି ମଧ୍ୟରେ ମ୍ୟୁନିସିପାଲଟିରେ ୯ଜଣ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟବିଭାଗ ସୂତ୍ରରୁ ପ୍ରକାଶ । ତଥାପି ଜଳେଶ୍ୱର ଅଂଚଳ ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ଏବଂ ଅମାନୀୟଙ୍କୁ ନିୟନ୍ତ୍ରଣ କରିବା କଷ୍ଟସାଧ୍ୟ ହେଉଥିବାରୁ ଅଧିକ ଟେଷ୍ଟ କରିବା ସହିତ ସଂକ୍ରମିତଙ୍କ ଚିକିତ୍ସା କରିବା ଜରୁରୀ ହୋଇଛି । ଏପରିକି ବହୁ ଲୋକ ମାସ୍କ ନ ଲଗାଇ ଅବାଧରେ ଚଳପ୍ରଚଳ ହେବା ଦେଖିବାକୁ ମିଳୁଛି ।

ବାଲିଆପାଳ ବ୍ଲକର ୯ ଜଣ ପମ୍ପ ଡ୍ରାଇଭର ୬୦ ମାସ ହେଲା ଦରମା ପାଇ ନାହାନ୍ତି : ବିଭାଗୀୟ ଅଧିକାରୀ ନୀରବ

ବାଲିଆପାଳ,୨୦।୯ (ନି.ପ୍ର): ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକରେ ଡ୍ରାଇଭର ଭାବରେ କାର୍ଯ୍ୟକରୁଥିବା ୯ଜଣ ପମ୍ପ ଡ୍ରାଇଭରଙ୍କୁ ୬୦ ମାସ ହେଲା ଦରମା ମିଳିନାହିଁ । କରୋନା ମହାମାରୀ ସମୟରେ ଏମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଥିବା ବେଳେ କାର୍ଯ୍ୟରେ ଅବହେଳା ନ କରି ପୂର୍ବପରି କାର୍ଯ୍ୟକରିଚାଲିଛନ୍ତି । ଦୀର୍ଘ ଦିନ ଧରି ଦରମା ନ ପାଇବା ଫଳରେ ଏହି ପମ୍ପ ଡ୍ରାଇଭର ମାନେ ବାଧ୍ୟ ହୋଇ ହାଇକୋର୍ଟର ଦ୍ୱାରାସ୍ଥ ହୋଇଛନ୍ତି । କରୋନା ମହାମାରୀ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ଜୀବନ ଜୀବିକା ବନ୍ଦ ହେବା ଫଳରେ କେତେ କେତେ ଜନକଲ୍ୟାଣ ଯୋଜନା କରି ଲୋକଙ୍କୁ ସାହାଯ୍ୟ ସୁବିଧା ଯୋଗାଇ ଆସୁଛନ୍ତି । ଏପରିସ୍ଥଳେ ଏହି ପମ୍ପଡ୍ରାଇଭର ମାନେ ବର୍ଷ ବର୍ଷ ଧରି ନିଜର ହକ ନ ପାଇବା ଦୁଃଖ ଓ ପରିତାପର ବିଷୟ । ବର୍ତ୍ତମାନ ଏହି ପମ୍ପଡ୍ରାଇଭରଙ୍କ ପରିବାର କେତେ ଦୁଃଖରେ ଯେ ଅଛନ୍ତି ତାହା ନିଜ ଆଖିରେ ନ ଦେଖିଲେ ଜାଣିପାରିବେ ନାହିଁ । ଜିଲାର ସବୁଠି ପମ୍ପଡ୍ରାଇଭର ମାନେ ନିଜର ଦରମା ପାଉଥିବା ବେଳେ ବାଲିଆପାଳ ବ୍ଲକର ପମ୍ପଡ୍ରାଇଭର ମାନେ କାହିଁକି ପାଉନାହାନ୍ତି ଦରମା ତାହା ତ କୋର୍ଟ ବିଚାର କରିବ,ମାତ୍ର ଏହି ଘଡିସନ୍ଧି ମୁହୂର୍ତ୍ତରେ ବ୍ଲକର ୯ ଜଣ ଡ୍ରାଇଭରଙ୍କୁ ତୁରନ୍ତ ଦରମା ପ୍ରଦାନ କରିବା ପାଇଁ ଜିଲାପାଳ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଏହି ୯ଜଣ ପମ୍ପ ଡ୍ରାଇଭର ହେଲେ ମଧୁପୁରା ବିଜୟ କୁମାର ସାହୁ, ଚଉମୁଖ ମନ୍ମଥ ଦାସ, ନିମପଦା ବିଜୟ ସେଠୀ,ସାଉଡି ଚୈତନ୍ୟ ମଲ୍ଲିକ, ଲଙ୍ଗଳେଶ୍ୱର କ୍ଷେତ୍ରମୋହନ ସେଠୀ,କୁମ୍ଭାରୀ ପ୍ରକାଶ ମହାପାତ୍ର,ଡଗରା ବସନ୍ତ ପାଣିଗ୍ରାହୀ,ବଡାଶ ମହେଶ୍ୱର ସାହୁ,ବାଲିଆପାଳ ନିଆଜ ଖାଁ । ଏହି ପମ୍ପଡ୍ରାଇଭର ମାନେ ୨୦୦୬ ମସିହାରୁ କାର୍ଯ୍ୟରେ ଯୋଗ ଦେଇ ୨୦୦୯ରୁ ରେଗୁଲାର ଭାବେ ଦିନକୁ ୧୯୦ ଟଙ୍କାରେ ମାସକୁ ଦରମା ପାଉଥିଲେ । ତା ପରେ ୨୦୧୫ ମାର୍ଚ୍ଚ ମାସଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଏମାନଙ୍କ ଦରମା ୨୪୦କୁ ବୃଦ୍ଧି କରାଯାଇଥିଲା । ତାର ପରଠାରୁ ଆଜି ପର୍ଯ୍ୟନ୍ତ ଏହି ପମ୍ପଡ୍ରାଇଭର ମାନଙ୍କୁ ମିଳିନାହିଁ ଦରମା । ତଥାପି ଏମାନେ ରାତି ପାହିଲେ ନିଜ ପରିବାରକୁ ଭୋକ ଉପାସରେ ରଖି ଲୋକଙ୍କୁ ପାଣି ଯୋଗାଇବାରେ କୁଣ୍ଠାବୋଧ କରିନାହାନ୍ତି । ବର୍ଷ ବର୍ଷ ଧରି ଦରମା ନ ପାଇବା ଫଳରେ ବାଧ ହୋଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ମାତ୍ର କରୋନା ମହାମାରୀ ଏମାନଙ୍କ ଉପରେ ଦାଉ ସାଜିଲା । ଯାହା ଫଳରେ କୋର୍ଟରେ ଘଟଣା ବିଷୟରେ ଶୁଣାଣି ହୋଇ ନ ପାରିବାରୁ ଏମାନଙ୍କର ଅଧିକାର ମୁତାବକ ପ୍ରାପ୍ୟ ମିଳୁନାହିଁ । ଜିଲାପାଳ ଘଟଣାର ହସ୍ତକ୍ଷେପ କରି ତୁରନ୍ତ ସମାଧାନ ନ କଲେ ଏହି ପମ୍ପଡ୍ରାଇଭର ମାନେ ସପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗାରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

ନବମାତୃକା ପୂଜା କମିଟି ପକ୍ଷରୁ ଦିଲ୍ଲୀପ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୦।୯ (ନି.ପ୍ର): ରେମୁଣା ନବ ମାତୃକା ପୂଜା କମିଟି ପକ୍ଷରୁ ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗର କମିଟି ପ୍ରତିଷ୍ଠାତା ସମ୍ପାଦକ ଦିଲ୍ଲୀପ ନାୟକଙ୍କ ବିୟୋଗରେ ଏକ ଶୋକସଭା ଆଜି ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଡକ୍ଟର ଭାଗବତ ପ୍ରସାଦ ଦାସ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ପୁଷ୍ପ ଅର୍ପଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ନିରବ ପ୍ରାର୍ଥନା କରିଥିଲେ । ଆବାହକ ବିଶ୍ୱଜିତ୍ ଘୋଷ, ଷ୍ଟାଲିନ୍ ମିଶ୍ର, ବିପିନ୍ ମାରାଣ୍ଡି, କମଳ ବିହାରୀ ଦାସ, କନକଲତା ଦାସ, ଭାରତୀ ମିଶ୍ର, ଅବିନାଶ ପାଢ଼ୀ, ଅଙ୍କନ୍ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ରାଜନୀତିକ, ସାମାଜିକ ଓ ସାଂଗଠନିକ ଜୀବନାଦର୍ଶ ଉପରେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ନାୟକଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ତାଙ୍କ ନାମରେ ପ୍ରତିବର୍ଷ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଶେଷରେ ଆବାହକ ଶିଳ୍ପୀ କେଶୁ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ରାଜ୍ୟସଭାରେ ପାରିତ...

ତାଲିକାରୁ ବାଦ୍ ଦିଆଯାଇଛି । ଅର୍ଥାତ ଏହି ସାମଗ୍ରୀଗୁଡ଼ିକର ଷ୍ଟକ ସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ । କେବଳ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ବିରଳ ପରିସ୍ଥିତିରେ ସରକାର ଷ୍ଟକ ସୀମା ଧାର୍ଯ୍ୟ କରିପାରିବେ । ଏହାଦ୍ୱାରା କୃଷି କ୍ଷେତ୍ରକୁ ଉଭୟ ଘରୋଇ କ୍ଷେତ୍ରର ଓ ବିଦେଶୀ ଫୁଜି ଆସିପାରିବ । ରାଜ୍ୟସଭାରେ ଉପସ୍ଥାପିତ କୃଷି ବିଲକୁ ବିରୋଧ କରିଛି ବିଜୁ ଜନତା ଦଳ । ବିଲକୁ ବିରୋଧ କରି ବିଜେଡିର ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ କହିଥିଲେ ଯେ କ୍ଷୁଦ୍ର ଓ କ୍ଷୁଦ୍ର କୃଷକ ଏବଂ ଫସଲ ଉତ୍ପାଦନକାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ନାହିଁ । ଏହା ଉପରେ ସରକାର ପୁର୍ନବିଚାର କରନ୍ତୁ ଓ ଏହାକୁ ସୁଧାରିବା ପାଇଁ ଚୟନ କମିଟି ନିକଟକୁ ପଠାଇବାକୁ କହିଥିଲେ । ତେବେ ବିରୋଧୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଏହି ବିଲ୍ ବାଚନିକ ଭୋଟ୍‌ରେ ପାରିତ ହୋଇଥିଲା । ଏହାପରେ ଅନୁମୋଦନ ପାଇଁ ଏହାକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ । ଉଲ୍ଲେଖ୍ୟଯୋଗ୍ୟ ଯେ ଦେଶର କୃଷି କ୍ଷେତ୍ରରେ ପରିବର୍ତନ ଏବଂ କୃଷକମାନଙ୍କ ଉପାର୍ଜନ ବୃଦ୍ଧି ଉଦ୍ଦେଶ୍ୟରେ ଲୋକସଭା ପାସ୍ ହେବା ପରେ ଆଜି ରାଜ୍ୟସଭାରେ ୩ଟି ପୃଥକ୍ କୃଷି ବିଲ୍ ଉପସ୍ଥାପନ କରାଯାଇଥିଲା । ଏହି ୩ଟି ବିଲ୍ ହେଉଛି: କୃଷି ଉତ୍ପାଦ ବ୍ୟାପାର ଏବଂ ବାଣିଜ୍ୟ (ସଂବର୍ଦ୍ଧନ ଏବଂ ସୁବିଧା) ବିଧେୟକ, ୨୦୨୦, କୃଷକ (ସଶକ୍ତିକରଣ ଏବଂ ସଂରକ୍ଷଣ)ଙ୍କ ମୂଲ୍ୟ ଆଶ୍ୱାସନ ଅନୁବନ୍ଧ ଏବଂ କୃଷି ସେବା ବିଧେୟକ ଓ ଆବଶ୍ୟକ ସାମଗ୍ରୀ (ସଂଶୋଧନ) ବିଧେୟକ) ।

୨୪ ଘଂଟାରେ ଘନୀଭୂତ...

କଟକ, କେନ୍ଦୁଝର, ଅନୁଗୁଳ, ଦେବଗଡ,ସମ୍ବଲପୁର , କଳାହାଣ୍ଡି , ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ପ୍ରବଳ ବର୍ଷା ସମ୍ଭାବନା ଥିବା ପୁରୀ , ଖୋର୍ଦ୍ଧା , ସୁନ୍ଦରଗଡ, ଝାରସୁଗୁଡା, ବରଗଡ, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଦ୍ୱିତୀୟ ଦିନ ଅର୍ଥାତ୍ ୨୨ ତାରିଖ ସକାଳ ମଧ୍ୟରେ ବରଗଡ , ନୂଆପଡା , ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ସୁବର୍ଣ୍ଣପୁର , ବୌଦ୍ଧ , ଅନୁଗୁଳ , ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଏବଂ ମୟୁରଭଂଜ, ଜଗତସିଂହପୁର, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨ ଦିନ ପରେ ବର୍ଷାର ପରିମାଣ କମିପାରେ । ତଥାପି ଆଭ୍ୟନ୍ତରୀଣ ଓ ଉପକୂଳ ଜିଲ୍ଲା ଗୁଡିକର କିଛି ସ୍ଥାନରେ ବର୍ଷା ହୋଇପାରେ । ଝାରସୁଗୁଡା , ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ଚାଷୀଙ୍କ ସହିତ ...

ବସାଇଲେ ୭ଲକ୍ଷ ରୁ ୮ଲକ୍ଷ ଆପିଲ୍‌କେସନ୍ ରଖିଲେ କିନ୍ତୁ ଯେଉଁମାନେ ଚିଟ୍‌ଫଣ୍ଡରେ ଟଙ୍କା ରଖିଥିଲେ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାଧାରଣ ଲୋକ ଟଙ୍କା ପାଇଲେ ନାହିଁ । ତେଣୁ ପ୍ରକୃତ ପକ୍ଷରେ ଦୋଷୀକୁ ସାବ୍ୟସ୍ତ କରିବାପାଇଁ ସିବିଆଇର କଣ ଆନ୍ତରିକତା ଅଛି ତାହା ତାଙ୍କୁ ଜଣା । କିନ୍ତୁ ଆଜି ବିଜେଡ଼ି ଯେଭଳି ଭାବେ କୃଷିବିଲ୍‌କୁ ରାଜ୍ୟ ସଭାରେ ବିରୋଧ କଲା ତାହା ଓଡ଼ିଶା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ଏ ନାଟକବାଜି ସମ୍ପର୍କରେ ଉଭୟ ବିଜେଡ଼ି ଓ ବିଜେପି ଦଳ ପକ୍ଷରୁ ଜନସାଧାରଣଙ୍କୁ ତାଙ୍କର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଜଣାଇବାର ଆବଶ୍ୟକତା ରହିଛି ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି ।

ଗୋଟିଏ ଦିନରେ ...

୧୨୧ ଜଣ, ବରଗଡ ଜିଲ୍ଲାରେ ୯୯, ଭଦ୍ରକ ଜିଲ୍ଲାରେ ୭୪, ବଲାଙ୍ଗିର ଜିଲ୍ଲାରେ ୭୯, ବୌଦ୍ଧ ଜିଲ୍ଲାରେ ୪୭,କଟକ ଜିଲ୍ଲାରେ

ସୋମବାର,୨୧ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ନେସ୍କୋ ଶକ୍ତି କର୍ମଚାରୀ ସଂଘର ନୂତନ ସମ୍ପାଦକଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୨୦।୯ (ନି.ପ୍ର): ନେସ୍କୋ ଶକ୍ତି କର୍ମଚାରୀ ସଂଘର ନୂତନ ସମ୍ପାଦକ ଅନ୍ତର୍ଯ୍ୟାମୀ ମହାପାତ୍ର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସଂଘର ପୂର୍ବତନ ସମ୍ପାଦକ ସ୍ୱର୍ଗତ ନିରଂଜନ ପଢ଼ିଆରୀ ଗତ ମାର୍ଚ୍ଚମାସ ୧୭ ତାରିଖରେ ଇହଲୀଳା ସମ୍ବରଣ କରିବା ପରେ ଏହି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିଲା । ଗତ ୧୩ ତାରିଖ ଦିନ ସଂଘର କାର୍ଯ୍ୟକାରିଣୀ ପରିଷଦ ତଥା ସଭାପତିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଆଜି ସଂଘର କର୍ମକର୍ତ୍ତା, ସଦସ୍ୟ ଓ ଉପଦେଷ୍ଟାମାନଙ୍କ ଉପସ୍ଥିତିରେ ସଂଘ କାର୍ଯ୍ୟାଳୟ ପରିସରରେ ଶ୍ରୀ ମହାପାତ୍ର ଯଥାବିଧି ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ସଂଘର ଉନ୍ନତିରେ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କାର୍ଯ୍ୟଭାର ଗ୍ରହଣ ଅବସରରେ ଶ୍ରୀ ମହାପାତ୍ର ଆଜି କହିଛନ୍ତି । ଏକତା ହିଁ ବଳ ପରି ସମସ୍ତେ ମଳିମିଶି ରହିଲେ ବହୁ ଦାବି ହାସଲ କରାଯାଇ ପାରିବ ବୋଲି ସେ ମତ ଦେଇଥିଲେ । ସଂଘର ସଦସ୍ୟମାନଙ୍କ ସମସ୍ୟା ସମାଧାନ କରିବେ ବୋଲି ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବସ୍ତା, ଜଳେଶ୍ୱର, ସୋର, ଆନନ୍ଦପୁର, କେଉଁଝର ସଂଘ କମିଟିରୁ

ବହୁ କର୍ମକର୍ତ୍ତା ଓ ସଦସ୍ୟ ଆଜିର ଏହି ଦାୟିତ୍ୱ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ସମ୍ପାଦକ ସ୍ୱର୍ଗତ ପଢ଼ିଆରୀଙ୍କ ସୁପୁତ୍ର ଶମ୍ଭୁନାଥ ପଢ଼ିଆରୀ ପିତାଙ୍କ ସ୍ମୃତିରେ ସଂଘକୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ସଂଘ ପକ୍ଷରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା ।

ସଂଘବଦ୍ଧ ଆକ୍ରମଣରେ ୭ ବିଦ୍ୟୁତ୍ କର୍ମଚାରୀ ଆହତ

ବାଲେଶ୍ୱର,୨୦।୯ (ନି.ପ୍ର): ନେସ୍କୋ ସିଇଡି ଡିଭିଜନ ଅନ୍ତର୍ଗତ ଫୁଲାଡ଼ି ସେକ୍ସନ କାର୍ଯ୍ୟାଳୟରେ କେତେକ ଅସମାଜିକ ଯୁବକଙ୍କ ସଂଘବଦ୍ଧ ଆକ୍ରମଣରେ ଆହତ ୭ ଜଣ ବିଦ୍ୟୁତ୍ କର୍ମଚାରୀଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆଜି ସଂଧ୍ୟାରେ ଫୁଲାଡ଼ି ସେକ୍ସନ ପାୱାର ଷ୍ଟେସନରେ ହଠାତ୍ ଧୂଆଁ ବାହାରିବା ଦେଖି ଉପସ୍ଥିତ କର୍ମଚାରୀମାନେ ୧୩ ମିନିଟ୍ ବିଦ୍ୟୁତ୍ କାଟ କରିବା ସହ ଏହାର ମରାମତି କରିଥିଲେ । ନିହାତି ଆବଶ୍ୟକ ପଡ଼ିବାରୁ ଏହି ପାୱାର କଟ୍ କରାଯାଇଥିବା

ବେଳେ ଇତିମଧ୍ୟରେ କେତକ ଫୋନ୍ କଲ୍ ଆସିବା ସହ କାହିଁକି ଲାଇନ୍ କଟା ଯାଇଛି ବୋଲି କହି କିଛି ଲୋକ ଫୋନ୍‌ରେ ଗାଳିଗୁଳଜ ବି କରିଥିଲେ । ତେବେ ସେଥିପ୍ରତି ଦୃଷ୍ଟି ନଦେଇ ବିଦ୍ୟୁତ୍ କର୍ମଚାରୀମାନେ ମରାମତି କାର୍ଯ୍ୟ ଶେଷ କରି ୧୩ ମିନିଟ୍ ପରେ ବିଦ୍ୟୁତ୍ ଚାର୍ଜ କରିଥିଲେ । ଏହି ସମୟରେ ଫୁଲାଡ଼ି ଅଞ୍ଚଳରୁ ୨୦ ଅଧିକ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ସେକ୍ସନ ଅଫିସ ମଧ୍ୟରେ ପଶି କର୍ମଚାରୀମାନଙ୍କୁ ନୁଷ୍ଟକ୍ ମାଡ଼ ମାରିଥିଲେ । ଏହି ସଂଘବଦ୍ଧ ଆକ୍ରମଣରେ ଆହତ ୭ ଜଣ କର୍ମଚାରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତ କର୍ମଚାରୀମାନେ ହେଲେ ଲାଇନ ମ୍ୟାନ(ସି) ସଂଜୟ କୁମାର ବାରିକ ଓ ରମାକାନ୍ତ ନାୟକ, ଲାଇନ ମ୍ୟାନ୍ (ବି) ପ୍ରହ୍ଲାଦ ତରେଇ ଓ ବ୍ରହ୍ମାନନ୍ଦ ସାହୁ, ଜେଟି ବିଭୂତି ଭୂଷଣ ପଢ଼ିଆରୀ, ସିନିୟର ଚାର୍ଜମ୍ୟାନ୍ ମୁନେନ୍ଦ୍ର ଦାସ, ଗ୍ରେଡ୍ (ଏ) ରବୀନ୍ଦ୍ର ଦଳେଇ । ଖବର ପାଇ ନେସ୍କୋ ଏସଡିଓ, ନିର୍ବାହୀ ଯନ୍ତ୍ରୀ ଓ ଏସଇ ପ୍ରମୁଖ ଅଧିକାରୀମାନେ ଆହତ କର୍ମଚାରୀଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହ ଫୁଲାଡ଼ି ଲୋକଙ୍କ ଅମାନବିକତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତକୁ ପୁଲିସ ଗିରଫ କରି ନଥିବା ଜଣାପଡ଼ିଛି ।

ଗ୍ଲୋବାଲ୍ ଓ୍ୱେଷ୍ଟର୍ଣ୍ଣ ଓଡିଶା ନୂଆଁଖାଇ ଭେଟଘାଟ୍‌ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ଓଡିଶାର ପୁଞ୍ଜିକୁ ବିଶ୍ୱ ସ୍ତରରେ ପହଁଚାଇବା ଆମର ଲକ୍ଷ୍ୟ ହେବା ଦରକାର: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୯ (ନି.ପ୍ର): ଟେକ୍ସଟାଇଲ୍, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ର ଓଡିଶାର ମୂଳପୁଞ୍ଜି । ସେହି ରି ରାଜ୍ୟର ସଂସ୍କୃତି ଓ ପରମ୍ପରାଙ୍କ ମଧ୍ୟ ଆମର ଭିନ୍ନ ଏକ ପୁଞ୍ଜି । ତେବେ ଏହି ସବୁ ପୁଞ୍ଜିକୁ ବିଶ୍ୱସ୍ତରରେ ପହଁଚାଇବା ଆମର ଲକ୍ଷ୍ୟ ହେବା ଦରକାର ବୋଲି ରବିବାର ଗ୍ଲୋବାଲ୍ ଓ୍ୱେଷ୍ଟର୍ଣ୍ଣ ଓଡିଶା ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ୍‌ରେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଚାଷଭିତିକ ଏକ ସାଂସ୍କୃତିକ-ସାମାଜିକ ମହାନ ଗଣପର୍ବ । ଚାଷ

ଆଧାରିତ ଅର୍ଥନୀତିକୁ ସଦୃଢ କରି ରଖିବାର ମହତ ବାର୍ତା ନୂଆଁଖାଇ ଦିଏ । ଭାରତ ସରକାର ଚାଷର ଉନ୍ନତି, କୃଷକଙ୍କ କଲ୍ୟାଣ ଏବଂ ଚାଷ-ଆଧାରିତ ଅର୍ଥନୀତିର ସୁଦୃଢୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି । ସେ କହିଛନ୍ତି ମହାମାରୀ ସମୟରେ ସମ୍ବଲପୁରୀ ମାସ୍କର ଚାହିଦା ବୃଦ୍ଧି ପାଉଛି ।

▶▶ପୃଷ୍ଠା ୭

ଭଦ୍ରକରେ ନୂତନ ଆକ୍ରାନ୍ତ ୭୪ ଚିହ୍ନଟ: ସୁସ୍ଥ ହେଲେ ୧୦୪

ଭଦ୍ରକ,୨୦।୯ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୭୫୪ଜଣ ଚିହ୍ନଟ ହୋଇଛନ୍ତି । ଅନ୍ୟ ପକ୍ଷରେ ୧୦୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଜିଲ୍ଲାରୁ ମୋଟ ୭୧ ହଜାର ୨୭୮ ନମୁନା ପରୀକ୍ଷା ପରେ ଆଜିର ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୪୪୦୯ । ଏଥିମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୩୬୦୯ଜଣ । ଆଜି ଯେଉଁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ବାସୁଦେବପୁର ବ୍ଲକରୁ ୧୨ଜଣ, ବାସୁଦେବପୁର ପୌରପାଳିକାରୁ ୩ଜଣ, ଭଦ୍ରକ ବ୍ଲକରୁ ୧୭ଜଣ, ଭଦ୍ରକ ପୌରପାଳିକାରୁ ୭ଜଣ, ବନ୍ତ ବ୍ଲକରୁ ୨ଜଣ, ଚାନ୍ଦବାଲି ବ୍ଲକରୁ ୧୬ଜଣ, ଚାନ୍ଦବାଲି ଏନ୍‌ଏସିରୁ ୨ଜଣ, ଧାମନଗର ବ୍ଲକରୁ ୨ଜଣ, ତିହିଡି ବ୍ଲକରୁ ୧୧ ଏବଂ ଅନ୍ୟ ଜିଲ୍ଲାରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବିଶ୍ୱକର୍ମା ମୂର୍ତ୍ତୀ ଭଷାଣି ବେଳେ ପାଣିରେ ବୁଡି ଜଣକର ମୃତ୍ୟୁ

ଜଳେଶ୍ୱର,୨୦।୯ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ବହୁମୁଖୀ ଯୋଜନା ପ୍ରକଳ୍ପର ଆର୍‌ଆଇସିଏଲ୍ କ୍ୟାମ୍ପରେ ବିଶ୍ୱକର୍ମା ପୂଜା ଖୁବ୍ ଧୁମ୍‌ଧାମରେ ହୋଇଥିଲା । କୋଭିଡ୍ ଆଇନ୍‌ର ଉଲଙ୍ଘନ ହୋଇ ଭଷାଣୀବେଳେ କେତେକ ଯୁବକ ମଜା ନେଇଥିଲେ । କିନ୍ତୁ ଶ୍ୟାମନଗର ପଂଚାୟତର କାଲାଯୋଡି ଗାଁର ସୁରେନ୍ଦ୍ର ମହାନ୍ତିଙ୍କୁ ପୁଅ ମୋତିଲାଲ ଭଷାଣୀ ଉତ୍ସବରେ ଯୋଗ ଦେଇଥିଲା । କିନ୍ତୁ ରାତିରେ ଘରକୁ ନ ଫେରିବାରୁ ସମ୍ପର୍କୀୟମାନେ କ୍ୟାମ୍ପରେ ରହିଥିବା ଭାବି ଖୋଜାଖୋଜି କରିନଥିଲେ । ତହିଁପରଦିନ ସକାଳେ ତାର ମୃତ ଶରୀର ମୂର୍ତ୍ତୀ ବିସର୍ଜନ ହୋଇଥିବା ପୋଖରୀରେ ଭାଷୁଥିବା ଦେଖିବାକୁ ମିଳିଥିଲା । ଘରର ରୋଜଗାରିଆ ପୁଅ ହୋଇଥିବାରୁ ମୋତିଲାଲ ମୃତ୍ୟୁରେ କ୍ଷତିପୂରଣ ଦେବାଲାଗି ପୂର୍ବତନ ସରପଂଚ ଗିରିଜା ସାସମଲ, ସୁରେଶ ମହାନ୍ତ ପ୍ରମୁଖ ଦାବୀ କରିଛନ୍ତି ।

ବାରିପଦା ବାଙ୍କିଶୋଳ କୋଭିଡ ହସପିଟାଲରେ ଉତ୍ତେଜନା

ବାରିପଦା ,୨୦।୯ (ନି.ପ୍ର): ବାରିପଦା ସ୍ଥିତ ବାଙ୍କୀଶୋଳ କୋଭିଡି ହସ୍ପିଟାଲରେ ଗତ ୧୮ ତାରିଖ ରାତି ଓ ୧୯ତାରିଖ ପୂର୍ବାହ୍ନରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଯାଇଥିବାର ଜଣାଯାଇଛି । ସୂଚନା ମୁତାବକ ଗତ ୭ତାରିଖରେ ରାଇରଙ୍ଗପୁର ୱାର୍ଡ ନମ୍ବର ୧୨ ଇଚିଣ୍ଡା ଅଂଚଳର ଜଣେ ମହିଳା କୋରନା ପଜିଟିଭ ଜଣାପଡିବା ପରେ ତାଙ୍କୁ ବାରିପଦା ସ୍ଥିତ ବାଙ୍କୀଶୋଳ କୋଭିଡି ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା, ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କିମସ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ହସପିଟାଲ କର୍ତ୍ତୃପକ୍ଷଙ୍କ ଠାରୁ ଖବର ପାଇଥିଲେ ପରିବାର ଲୋକେ । ସବୁ ଠିକଠାକ ଚାଲିଥିବା ବେଳେ ତାଙ୍କ ପରିବାର

ଲୋକେ ମହିଳା ଜଣକ ଜୀବିତ ଥିବାର ଖବର କୌଣଷି ସୂତ୍ରରୁ ପାଇବା ପରେ ଗତକାଲି ରାତିରେ ପରିବାର ଲୋକେ ଓ ସମ୍ପର୍କୀୟ ମାନେ ବାରିପଦା କିମସ କୋଭିଡ ହସପିଟାଲ ସମ୍ମୁଖରେ ମୃତ୍ୟୁ ଘଟିଥିବା ମହିଳାଙ୍କ ପ୍ରମାଣ ମାଗିଥିଲେ । ଏନେଇ ଉତ୍ତେଜନା ଦେଖାଯାଇଥିଲା । ସେପଟେ ପରିବାର ଲୋକ ମହିଳାଙ୍କ ମୃତ୍ୟ ଖବରକୁ ବିଶ୍ୱାସ କରି ରୀତି ନୀତି ଅନୁସାରେ ଶୁଦ୍ଧି କ୍ରିୟା କରିବା ନେଇ ପ୍ରସ୍ତୁତ ହୋଇଥିଲେ , ଜୀବିତ ଥିବା ଖବର ପାଇବା ପରେ ପରିବାର ଲୋକ ଶୁଦ୍ଧି କ୍ରିୟା ନକରି କୋଭିଡ ହସ୍ପିଟାଲ ଫାଟକ ନିକଟରେ ପହଂଚିବା ପରେ ହସପିଟାଲ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଇନଥିବାର ଅଭିଯୋଗ କରିଛନ୍ତି ମହିଳାଙ୍କ ପୁଅ । ଫଳରେ ରୋଗୀଙ୍କ ସମ୍ପର୍କୀୟ ଏବଂ ମେଡିକାଲ କର୍ମଚାରୀ ମଧ୍ୟରେ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା, ସେହିପରି ବାରିପଦା ଅଂଚଳର ଜଣେ କୋରନା ପଜିଟିଭ ଜଣା ପଡିବାପରେ କୋଭିଡ ହସ୍ପିଟାଲରେ ରହି ଚିକିତ୍ସିତ ହୋଉଥିଲେ କିନ୍ତୁ ତାଙ୍କର ଦେହ ଭଲ ନହେବାରୁ ପରିବାର ଲୋକ ୫ଦିନ ତଳୁ ଭୁବନେଶ୍ୱରେ ନେଇ ଚିକିତ୍ସା କରିବାକୁ ମେଡିକାଲ କର୍ତ୍ତୃପକ୍ଷ କୁ ଅବଗତ କରାଇଥିଲେ । ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟ ଘଟିଥିବା ଅଭିଯୋଗ ଆଣିବା ସହ ମେଡିକାଲ କର୍ତ୍ତୃପକ୍ଷ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ମଧ୍ୟରେ ପାଟିତୁଣ୍ଡ ଲାଗିରହିଥିଲା । ହସପିଟାଲ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇବାରୁ କଡାକଡି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ପ୍ରସାଶନିକ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ତେବେ ସମନ୍ୱୟର ଅଭାବରୁ ଏଭଳି ଘଟିଥିବା ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ କୌଣଷି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ ।

ଜମି ବିବାଦରୁ ଗଣ୍ଡଗୋଳ: ୩ ଜଣ ଆହତ

ବାସୁଦେବପୁର ,୨୦।୯ (ନି.ପ୍ର): ବାସୁଦେବପୁର ବ୍ଲକ ନାୟକାଣୀଡିହି ଥାନା ଅନ୍ତର୍ଗତ ବିଦେଇପୁର କେରସାହି ଗ୍ରାମରେ ଜାଗା ବିବାଦକୁ କେନ୍ଦ୍ରକରି ଏକ ବଡଧରଣର ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି । ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟମାନଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଆହତ ବ୍ୟକ୍ତି ହେଲେ କୁନ୍ତଳା ନାୟକ (୬୫ ବର୍ଷ), ଗାୟତ୍ରୀ ନାୟକ (୩୦ ବର୍ଷ), ମେଘବର୍ଣ୍ଣ ନାୟକ (୩୨ ବର୍ଷ) । ଏଠାରେ ପ୍ରକାଶ ଯୋଗ୍ୟ ଯେ, ତିନି ପରିବାର ମଧ୍ୟରେ ଦୀର୍ଘ ବର୍ଷ ଧରି ଜାଗା ବିବାଦ ଲାଗି ରହିଥିଲା । ଗତ ଶନିବାର ସକାଳ ୧୦ ଘଟିକା ସମୟରେ ପ୍ରଭାତ ନାୟକ ସ୍ଥାୟୀ ପକାଘର ନିର୍ମାଣ କରିବାକୁ ନିଅ ଖୋଲୁଥିବା ସମୟରେ ନାରାୟଣ ନାୟକଙ୍କ ପତ୍ନୀ କୁନ୍ତଳା ନାୟକ, ବୋହୂ ମାନସୀ ନାୟକ, ଗାୟତ୍ରୀ ନାୟକ, ବାସନ୍ତୀ ନାୟକ, ସୁଦର୍ଶନ ନାୟକ, ମେଘବର୍ଣ୍ଣ ନାୟକ ଘଟଣା ସ୍ଥଳରେ ପହଞ୍ଚି ବାରଣ କରିବାରୁ ପ୍ରଭାତ ନାୟକ ଏବଂ ତାଙ୍କ ପୁତ୍ର ଆଲୋକ ନାୟକ ମାରଣାସ୍ତ୍ରରେ ଆକ୍ରମଣ ସହିତ ଲୁହାଛଡରେ ପିଟିଥିଲେ ଏବଂ ଅଭଦ୍ର ଭାଷାରେ ଗାଳିଗୁଳଜ କରିଥିଲେ ବୋଲି କୁନ୍ତଳା ନାୟକଙ୍କ ସ୍ୱାମୀ ନାରୟଣ ନାୟକ ନାୟକାଣୀଡିହ ଥାନାରେ ଅଭିଯୋଗ କରିଛନ୍ତି ।

ବିଧାୟକ ରଘୁନାଥ ଗମାଙ୍ଗଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଗୁଣ୍ଡୁପୁର ,୨୦।୯ (ନି.ପ୍ର): ବହୁ ଦିନ ପରେ ବହୁ ପ୍ରତିକ୍ଷୀତ ପାନୀୟ ଜଳ ପ୍ରକଳ୍ପ ଗୁଣ୍ଡୁପୁର ବ୍ଲକର ଟଳଣା ଗ୍ରାମ ପଞ୍ଚାୟତର କୁଡିଙ୍ଗ ଗ୍ରାମରେ ପଞ୍ଚାୟତ ସମିତି ତରଫରୁ ଉଦଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣ୍ଡୁପୁର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ ଯୋଗ ଦେଇ ଜଳ ପ୍ରକଳ୍ପର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧିକାରୀ ଶ୍ରୀମତୀ ଶାନ୍ତି ପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚ, ବିଜେଡି ଜିଲ୍ଲା ଯୁବ ସଂପାଦକ ପିଙ୍କୁ ପଣ୍ଡା, ଇସ୍ମାଇଲ ଶବର, ମାର୍କ ଦଳବେହେରା ଓ ଅନ୍ୟ ଅତିଥିଗଣ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ଗମାଙ୍ଗ ଉଦଘାଟନ ପରେ ଭିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରିଥିଲେ ।

ପାରାଦ୍ୱୀପ ତୈଳବାହୀ ଜାହାଜ ଏମ୍‌ଟି ନିଉ ଡାଇମଣ୍ଡକୁ ଉଦ୍ଧାର କରି ବିଶ୍ୱ ଇତିହାସ ରଚିଲା ଭାରତୀୟ ତଟରକ୍ଷୀ ବାହିନୀ

ପାରାଦ୍ୱୀପ ,୨୦।୯ (ନି.ପ୍ର): ଅଶୋଧିତ ତୈଳବାହୀ ଜାହାଜ ଏମ୍‌ଟି ନିଉ ଡାଇମଣ୍ଡ ଜାହାଜରେ ଉଦ୍ଧାର କରି ଜାହାଜକୁ ସୁରକ୍ଷିତ ଅବସ୍ଥାକୁ ଆଣିଥିବା ଭାରତୀୟ ତଟରକ୍ଷୀ ବାହିନୀର କାର୍ଯ୍ୟକୁ ପ୍ରଶସାଂ କରି ନୂଆଦିଲ୍ଲୀ ଠାରେ ଶନିବାର ଦିନ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭିୟା ଭାରତୀୟ ତଟରକ୍ଷୀ ବାହିନୀର ଡିଜିଙ୍କ ସହ ଆଲୋଚନା କରିଥିଲେ । ସୂଚନା ଥାଉକି, ଏମ୍‌ଟି ନିଉ ଡାଇମଣ୍ଡ ଏକ ବୃହତ ଅଶୋଧିତ ତୈଳ ବାହୀ ଜାହାଜ । ଏହାର ଲମ୍ବ ୩୩୩ ମିଟର ଥିବା ଏହାର ଓସାର ୬୦ମିଟର । ଏଥିରେ ପାଞ୍ଚଜଣ ଗ୍ରୀକ୍ ଓ ଆଠଜଣ ଫିଲିପାଇନ୍ ନାଗରିକଙ୍କ ସମେତ ସର୍ବମୋଟ୍ ତେଇଶଜଣ କ୍ରିଉ ସଭ୍ୟ ଅଛନ୍ତି । ଏହି ଜାହାଜ ଅଗଷ୍ଟ ତେଇଶ ତାରିଖରେ କୁଏତରୁ ୨୭୦ହଜାର ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ନେଇ ପାରାଦ୍ୱୀପ ରିଫାଇନାରୀ ଅଭିମୁଖେ ଆସୁଥିବା ବେଳେ ଶ୍ରୀଲଙ୍କା ନିକଟସ୍ଥ ପୂର୍ବ ଉପକୂଳରେ ନିଆଁ ଲାଗିଯାଇଥିଲା ଏବଂ ଏଥିରେ ଜଣେ କ୍ରିଉଙ୍କର ମୃତ୍ୟୁ ହୋଇଥିଲା । ତେବେ ସେପ୍ଟେମ୍ବର ୫ତାରିଖ ଠାରୁ ଦୀର୍ଘ ସପ୍ତାହ ବ୍ୟାପି ଲାଗିଥିବା ଏହି ନିଆଁକୁ ଭାରତୀୟ ତଟରକ୍ଷୀ ବାହିନୀ ପହଁଞ୍ଚି ସେପ୍ଟେମ୍ବର ୧୧ ତାରିଖ ଦୀନ ଏହାକୁ ଆୟତ କରିଥିଲେ । ଜାହାଜର ବିଶେଷ କ୍ଷତି ହୋଇନଥିବା ବେଳେ ତୈଳ ଲିକେଜ୍ ହୋଇନଥିଲା । ଭାରତୀୟ ତଟରକ୍ଷୀ ବାହିନୀର ସମୟଚିତ ପଦକ୍ଷେପ ଯୋଗୁଁ ଏହି ଜାହାଜ ଏକ ବଡ ଦୁର୍ଘଟଣାରୁ ରକ୍ଷା ପାଇବା ସହିତ ବିଶ୍ୱ ସାମୁଦ୍ରିକ ଉଦ୍ଧାର କାର୍ଯ୍ୟରେ ଏକ ବିରଳ ଇତିହାସ ସୃଷ୍ଟି କରିପାରଛି ବୋଲି ପାରାଦ୍ୱୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକଶ ।

ସେବା ସପ୍ତାହରେ ବିଜେପିର ସଫେଇ କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଦିବସ ଅବସରରେ ବିଜେପି ପକ୍ଷରୁ ଜାରି ରହିଥିବା ସେବା ସପ୍ତାହରେ ଆଜି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ସହରକୁ ସଫେଇ କରାଯିବା ସହ ପରିବେଶ ସୁରକ୍ଷା ପାଇଁ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜକ କମଳ ଲୋଚନ ଦାସ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଲମ୍ବୋଦର ନାୟକ, ଶୁଭଙ୍କର ମହାପାତ୍ର, ପର୍ଶୁରାମ ବେହେରା, ଶୋଭନା ମହାନ୍ତି, ଚିତ୍ତରଂଜନ ପଣ୍ଡା, ପର୍ଶୁରାମ ପରିଡ଼ା, ରଣଜିତ୍ ପ୍ରଧାନ, ସ